

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୧ ଫେବୃୟାରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 01 FEBRUARY 2021

Vol.No. 31 ■ No. 30 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଆସନ୍ତାକାଲିଠାରୁ ରୁଟ୍-୧୧ରେ ଗଡିବ 'ମୋ ବସ୍'

ଭୁବନେଶ୍ୱର,୩୧।୦୧ (ନି.ପ୍ର): ଆସନ୍ତାକାଲିଠାରୁ ରୁଟ୍-୧୧ରେ ଗଡିବ 'ମୋ ବସ' । ନନ୍ଦନବିହାରଠାରୁ ଭୁବନେଶ୍ୱର ରେଳ ଷ୍ଟେସନ ଯାଏଁ ଚାଲିବ 'ମୋ ବସ' । ମାଷ୍ଟର କ୍ୟାଣ୍ଟିନଠାରୁ ବାଳକାଟି ଯାଏଁ ନୂଆ ରୁଟ ୩୪ ସଂଯୋଗ କରିବ । ଏହାସହ 'ମୋ ବସ'ରେ ବିନା ମାସ୍କରେ ଯାତାୟାତ କରିବେନି ଯାତ୍ରୀ । ଏନେଇ ଟ୍ୱିଟ ଯୋଗେ ସୂଚନା ଦେଇଛି କ୍ରୁଟ । କରୋନା ମହାମାରୀ ଯୋଗୁଁ ଦୀର୍ଘଦିନ ହେବ ମୋ ବସ ସେବା ବନ୍ଦ ରହିଥିଲା । ଡିସେମ୍ବର ୧ ତାରିଖରୁ ମୋ ବସ ଚଳାଚଳ ଆରମ୍ଭ ହୋଇଥିଲା । ବାକି ଥିବା କିଛି ରୁଟକୁ ଧିରେ ଧିରେ ବସ ଚଳାଚଳ ଆରମ୍ଭ କରିଛି କ୍ରୁଟ ।

ଫେବୃଆରୀ ୭ରେ ପଶ୍ଚିମବଙ୍ଗ ଗସ୍ତରେ ଯିବେ ମୋଦୀ

ହଜାର ୭୦୦ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ କରିବେ

ପେଟ୍ରୋଲିୟମ - ପ୍ରାକୃତିକ ଗ୍ୟାସ ଏବଂ ସଡ଼କ ଓ ପରିବହନ ବିଭାଗର ୩ଟି ପ୍ରକଳ୍ପର ଉଦଘାଟନ ସହ ଗୋଟିଏ ପ୍ରକଳ୍ପର ହେବ ଶିଳାନ୍ୟାସ

ନୂଆଦିଲ୍ଲୀ, ୩୧।୦୧: ପଶ୍ଚିମବଙ୍ଗରେ ୪ ହଜାର ୭୦୦ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ୪ଟି ବିକାଶମୂଳକ ପ୍ରକଳ୍ପକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ମୋଦି । ଫେବୃୟାରୀ ୭ରେ ପଶ୍ଚିମବଙ୍ଗର ହଳଦିଆଠାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମୋଦି ପଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ଓ ସଡ଼କ ପରିବହନ ବିଭାଗର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ରବିବାର ପଶ୍ଚିମବଙ୍ଗ ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଏନେଇ ବିସ୍ତୃତ ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ପଶ୍ଚିମବଙ୍ଗ ସମେତ ପୂର୍ବ ଭାରତର ସାମଗ୍ରିକ ବିକାଶକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି । ଏହି ପରିପ୍ରେକ୍ଷୀରେ ଆସନ୍ତା ୭ ତାରିଖରେ ପ୍ରଧାନମନ୍ତ୍ରୀ ୩ଟି ପ୍ରକଳ୍ପ ଯଥା ୩୪୭ କିଲୋମିଟର ଲମ୍ବ ଧୋବି-ଦୁର୍ଗାପୁର ପ୍ରାକୃତିକ ଗ୍ୟାସ ପାଇପଲାଇନ, ଭାରତ ପେଟ୍ରୋଲିୟମ କର୍ପୋରେସନ (ବିପିସିଏଲ) ଦ୍ୱାରା ନିର୍ମିତ ଏଲପିଜି ଇମ୍ପୋର୍ଟ ଟର୍ମିନାଲ, ଜାତୀୟ ରାଜପଥ- ୪୧ର ହଳଦିଆର ରାଣୀଛକ ଠାରେ ୪ ଲେନ୍ ବିଶିଷ୍ଟ ଆରଓବି-କମ୍-ଫ୍ଲାଏ ଓଭରର ଲୋକାର୍ପଣ କରିବା ସହ ଭାରତୀୟ ତୈଳ ନିଗମର ▶▶ପୃଷ୍ଠା ୭

କନ୍ଧମାଳରେ ବର୍ବରକାଣ୍ଡ

ମାଲକାନଗିରିରେ ମିଳିଲା ଜବାବ

ମାଲକାନଗିରି/ବାଲିଗୁଡ଼ା, ୩୧।୦୧ (ନି.ପ୍ର): ଗୋଟିଏ ପଟେ କନ୍ଧମାଳ ଜିଲ୍ଲାରେ ନକ୍ସଲମାନେ ବର୍ବରକାଣ୍ଡ ଘଟାଇଥିବା ବେଳେ ଅନ୍ୟପଟରେ ମାଲକାନଗିରିରେ ନକ୍ସଲ ସଂଗଠନକୁ ଲାଗିଛି ଝଟକା। ମାଲକାନଗିରି ପୁଲିସ୍‌ର ଏନ୍‌କାଉଣ୍ଟରରେ ନିହତ ହୋଇଛି ଜଣେ ନକ୍ସଲ। ମାଲକାନଗିରି ଜିଲ୍ଲା ମୁଦୁଲିପଡ଼ା ଥାନା ମାଡ଼କାପଦର ପଞ୍ଚାୟତର ନୁନ୍?ଖାରି ଜଙ୍ଗଲରେ ହୋଇଛି ଏହି ଏନ୍‌କାଉଣ୍ଟର। ନୁନ୍‌ଖାରି ଜଙ୍ଗଲରେ ନକ୍ସଲଙ୍କ ଶିବିର ଥିବା ଖବର ପାଇଁ ଅପରେସନ୍ ଆରମ୍ଭ କରିଥିଲେ ଏସ୍‌ଓଜି ଓ ଡିଭିଏଫ୍ ଯବାନ। ପୁଲିସ୍‌କୁ ଦେଖି ନକ୍ସଲମାନେ ପ୍ରଥମେ ଗୁଳି ଚଳାଇଥିଲା। ପୁଲିସ୍ ପକ୍ଷରୁ ଏହାର କଡ଼ା ଜବାବ ଦିଆଯାଇଥିଲା। ଫଳରେ ନକ୍ସଲମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ସର୍ଚ୍ଚ ଅପରେସନ୍ ବେଳେ ଜଣ ନକ୍ସଲର ମୃତଦେହ ମିଳିଥିଲା। ତା'ସହିତ ଅନେକ ନକ୍ସଲ ସାମଗ୍ରୀ ଜବତ କରାଯାଇଛି। ଅନ୍ୟପକ୍ଷରେ କନ୍ଧମାଳ ଜିଲ୍ଲାରେ ନକ୍ସଲଙ୍କ ଆଉ ଏକ ବର୍ବରକାଣ୍ଡ ଦେଖିବାକୁ ମିଳିଛି। ପୁଲିସ ଇନଫର୍ମର ସନ୍ଦେହରେ ସେମାନେ ଦୁଇ ଜଣ ବ୍ୟକ୍ତିଙ୍କୁ ଉଠାଇ ନେଇଥିବା ବେଳେ ଜଣଙ୍କୁ ନିଷ୍ଠୁକ ମାଡ଼ ମାରି ଛାଡ଼ି ଦେଇଥିବା ବେଳେ ଅନ୍ୟ ଜଣଙ୍କ ପତ୍ତା ମିଳୁନି। ଘଟଣାଟି ଘଟିଛି ଜିଲ୍ଲାର ବେଲଘର ଥାନା ଅନ୍ତର୍ଗତ ଗୁମୁ ଗାଁରେ। ଗାଁର ଗୋବିନ୍ଦ ମାଝୀ ଓ ଦେବେନ୍ଦ୍ର ମାଝୀଙ୍କୁ ନକ୍ସଲମାନେ ନେଇ ଯାଇଥିଲେ। ଗୋବିନ୍ଦ ଫେରି ଆସିଥିବା ବେଳେ ଦେବେନ୍ଦ୍ରଙ୍କ ପତ୍ତା ମିଳିପାରିନି। ନକ୍ସଲମାନେ ତାଙ୍କୁ ହତ୍ୟା କରିଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ଡରି ଯାଇଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ରାତିରେ କନ୍ଧମାଳ ଜିଲ୍ଲା ବେଲଘର ଥାନା ଅଞ୍ଚଳରୁ ନକ୍ସଲମାନେ ▶▶ପୃଷ୍ଠା ୭

୫ ବର୍ଷିୟା ଶିଶୁକନ୍ୟାକୁ ଗଣଦୁଷ୍କର୍ମ ପରେ ହତ୍ୟା ଉଦ୍ୟମ

ଗୁରୁତର ନାବାଳିକା ଏସସିବି ମେଡ଼ିକାଲ ଆଇସିୟୁରେ ଭର୍ତ୍ତି

ଗଞ୍ଜାମ,୩୧।୦୧ (ନି.ପ୍ର): ଗଣ ଦୁଷ୍କର୍ମର ଶିକାର ହୋଇଛି ୫ ବର୍ଷିୟା ଶିଶୁକନ୍ୟା । ଏପରିକି ଗଣଦୁଷ୍କର୍ମ ପରେ ତାଙ୍କୁ ହତ୍ୟା ଉଦ୍ୟମ କରିଛନ୍ତି ଅଭିଯୁକ୍ତ ମାନେ। ଗୁରୁତର ଶିଶୁକନ୍ୟା ସମ୍ପ୍ରତି ଏସସିବି ମେଡ଼ିକାଲର ଆଇସିୟୁରେ ଚିକିତ୍ସାଧିନ ରହିଛି । ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅନ୍ତର୍ଗତ ସୋରଳ ଗ୍ରାମରେ । ଗତ ୨୮ ତାରିଖ ଦିନ ଲୋମହର୍ଷଣକାରୀ ଗଣଦୁଷ୍କର୍ମ ଘଟିଛି । ଘରେ କେହି ନଥିବା ବେଳେ ଏହାର ସୁଯୋଗ ନେଇ ଶିଶୁକନ୍ୟାକୁ ଅନ୍ୟତ୍ର ଉଠାଇ ନେଇ ଗଣଦୁଷ୍କର୍ମ କରିଥିଲେ ଅଭିଯୁକ୍ତ ମାନେ । ଗଣଦୁଷ୍କର୍ମ ପରେ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ତାଙ୍କୁ ହତ୍ୟା ଉଦ୍ୟମ ମଧ୍ୟ କରିଥିଲେ । ତେବେ କୌଣସି ପ୍ରକାରେ ଏ ସମ୍ପର୍କରେ ଗ୍ରାମବାସୀ ଜାଣି ପାରି ଝିଅଟିକୁ ସେଠାରୁ ଉଦ୍ଧାର କରିବା ସହ ପୋଲିସକୁ ଏନେଇ ଖବର ଦେଇଥିଲେ । ଯୁବକ ଦ୍ୱୟଙ୍କୁ ମଧ୍ୟ ନିଷ୍ଠୁକ ପିଟିଥିଲେ । ପୋଲିସ ଶିଶୁକନ୍ୟାକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ଏସସିବି ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି । ସମ୍ପ୍ରତି ତାଙ୍କୁ ଆଇସିୟୁରେ ରଖାଯାଇଛି । ଗୋଳନ୍ଥରା ଥାନା ପୋଲିସ ଶିଶୁ ଯୌନ ନିରୋଧ ଆଇନ (ପୋକସୋ ଆକ୍ଟ) ବଳରେ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିବା ସହ ଘଟଣାରେ ଜଡ଼ିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଉଭୟଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ୍ ର ଦଫା ୩୬୫, ୩୬୬, ୩୭୬ ଡିବି ୩୦୭, ୩୪ ଆଇପିସି ବଳରେ ମୋକଦ୍ଦମା ରୁଜୁ କରାଯାଇଛି ।

ଅକ୍ଟୋବର ସୁଦ୍ଧା ଛୋଟ ପିଲାଙ୍କ ପାଇଁ ଆସିବ କରୋନା ଟିକା

ପୁନେ,୩୧।୦୧: ସାରା ଦେଶରେ କରୋନା ଟିକାକରଣ ଜୋରସରରେ ଆଗେଇ ଚାଲିଥିବା ବେଳେ ସେହି ଟିକାକୁ ନେଇ ଆସିଛି ଉତ୍ସାହଜନକ ଖବର । ଭାରତରେ କୋଭିସିଲ୍ଡ ଟିକାର ଉତ୍ପାଦନ କରୁଥିବା ସେରମ୍ ଇନଷ୍ଟିଚ୍ୟୁଟ୍ କହିଛି ବର୍ଷ ଶେଷ ଆଡ଼କୁ ଆସିଯିବ ଛୁଆଙ୍କ ପାଇଁ କରୋନା ଟିକା । ଏକ୍ସିମ୍ ଗ୍ରୁପର ଅଧ୍ୟକ୍ଷ ପି.ସି ନାୟିଆର କହିଛନ୍ତି ▶▶ପୃଷ୍ଠା ୭

ପିଲାଙ୍କୁ ମିଳିବ ଅଟା, ଚଣା, ହଳଦୀ ଗୁଣ୍ଡ, ଡାଲଚିନ୍, ଚିନା ବାଦାମ ଓ ଗୁଡ଼

ଭୁବନେଶ୍ୱର,୩୧।୦୧ (ନି.ପ୍ର): କୋମଳମତି ପିଲାଙ୍କୁ ମିଳିବ ପୁଷ୍ଟିକର ଖାଦ୍ୟ। ଦିଆଯିବ ହାପିନେସ୍ କିଟ୍। ଏହି କିଟ୍‌ରେ ରହିବ ଅଟା, ଚଣା, ହଳଦୀ ଗୁଣ୍ଡ, ଡାଲଚିନ୍, ଚିନା ବାଦାମ ଓ ଗୁଡ ଭଳି ଇମ୍ୟୁନିଟି ବୁଷ୍ଟର ସାମଗ୍ରୀ । ଏହାସହ ପେନ୍, ପେନ୍ସିଲ୍, ନୋଟ୍ ପ୍ୟାଡ୍, ସାନିଟାରୀ ନାପକିନ୍, ଟୁଥ୍ ପେଷ୍ଟ, ଆୟୋଡିନ ଲୁଣ ଓ ସାବୁନ ବି ରହିବ । ଉଦ୍ଦେଶ୍ୟ କରୋନା କାଳରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉନି। ଏହାବଦଳରେ ଅଭିଭାବକଙ୍କ ଆକାଉଣ୍ଟକୁ ଯାଉଛି ଏବାବଦକୁ ଅର୍ଥ । ତେବେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ସ୍କୁଲ୍ ଖୋଲିବା ପୂର୍ବରୁ ପିଲାଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ▶▶ପୃଷ୍ଠା ୭

ସାନିଟାଇଜ୍ ହେଲା ଶ୍ରୀମନ୍ଦିର : ଦର୍ଶନ ବନ୍ଦ

ପୁରୀ, ୩୧ ଜାନୁଆରୀ (ହି.ସ.)- ଶ୍ରୀମନ୍ଦିର ଭିତର ଓ ବାହାର ଆଜି ସାନିଟାଇଜ୍ କରାଯାଇଛି । ଏଥିଯୋଗୁଁ ସାଧାରଣ ଦର୍ଶନ ଆଜି ଦିନକ ପାଇଁ ବନ୍ଦ ରହିଛି । ଆସନ୍ତାକାଲି ଠାରୁ ପୁଣି ଶ୍ରଦ୍ଧାଳୁ ମାନେ ଶ୍ରୀଜୀଉଙ୍କ ଦର୍ଶନ କରିପାରିବେ । ତେବେ ଶ୍ରୀମନ୍ଦିରରେ ଠାକୁରଙ୍କ ନୀତିକାନ୍ତି ଯଥାବିଧି ଜାରୀ ରହିଛି । ଗତ ୨୧ ତାରିଖ ଠାରୁ ବିନା କୋଭିଡ୍ ରିପୋର୍ଟରେ ଶ୍ରଦ୍ଧାଳୁ ମାନେ ଶ୍ରୀଜୀଉଙ୍କ ଦର୍ଶନ କରୁଛନ୍ତି । କରୋନା ମହାମାରୀକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର କାର୍ଯ୍ୟାଳୟର ସ୍ପେଶିଆଲ ଅପରେଟିଙ୍ଗ ପ୍ରୋସିଜ୍ୟୁର (ଏସଓପି) ଅନୁଯାୟୀ ଫେବୃୟାରୀ ୨୧ ତାରିଖ ପର୍ଯ୍ୟନ୍ତ ପ୍ରତି ରବିବାର ଶ୍ରୀମନ୍ଦିର ଭିତର ଓ ବାହାର ସାନିଟାଇଜ୍ କରିବା ପାଇଁ ନିଷ୍ପତ୍ତି ହୋଇଥିଲା ।

ଦଶାହ କାର୍ଯ୍ୟରୁ ମହାଯାତ୍ରା : ପିକ୍‌ଅପ୍ ଭ୍ୟାନ ଓଲଟି ୭ ମୃତ୍ୟୁ, ୯ ଗୁରୁତର

ଜୟପୁର,୩୧।୦୧ (ନି.ପ୍ର): ଏମିତି ବି ମୃତ୍ୟୁ ଆସେ। ଦଶାହ କାର୍ଯ୍ୟ ସାରି ଘରକୁ ଫେରୁଥିଲେ। ହେଲେ ଅଧାବାଟରୁ ଆରପାରିକୁ ବାହୁଡ଼ିଗଲେ। ପିକ୍‌ଅପ୍ ଭ୍ୟାନ ଓଲଟି ୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଗୁରୁତର ହୋଇଛନ୍ତି। ଦଶାହ କାର୍ଯ୍ୟ ସାରି ଛତିଶଗଡ଼ର କୁଲତା ଗାଁକୁ ଫେରିବା ବେଳେ ଏନ୍‌ଏଚ୍-୩୨୬ର କୋଟପାଡ଼ ଥାନା ମୂର୍ତ୍ତାହାଣ୍ଡି ନିକଟରେ ଏହି ଦୁର୍ଘଟଣା ଘଟିଛି । ଜୟପୁର ଉପଜିଲ୍ଲାପାଳ, ଏସ୍‌ଡିପିଓ ଘଟଣାସ୍ଥଳକୁ ଯାଇଛନ୍ତି। ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଅନ୍ଧାର ଯୋଗୁଁ ଉଦ୍ଧାର କାର୍ଯ୍ୟରେ ବାଧାପ୍ରାପ୍ତ ସୃଷ୍ଟି ହୋଇଛି। ଉକ୍ତ ଭ୍ୟାନ୍‌ରେ ୨୦ରୁ ୨୨ ଜଣ ଲୋକ ଥିଲେ। ସଦର ମହକୁମା ହସ୍ପିଟାଲରେ ଆହତଙ୍କୁ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପିକ୍‌ଅପ୍‌ର ସ୍ପିଡ୍ ବହୁତ ଥିଲା। ଗାଡ଼ିରେ ଆବଶ୍ୟକତା ଠାରୁ ଢେର ଅଧିକ ଲୋକ ଥିଲେ। ଗାଡ଼ିର ବେଗ ଅଧିକ ଥିବାରୁ ଭାରସାମ୍ୟ ହରାଇ ଗାଡ଼ିଟି ଓଲଟି ପଡ଼ିଥିଲା। ତେବେ ମୃତ୍ୟୁ ସଂଖ୍ୟା ବଢ଼ିବା ନେଇ ଆଶଙ୍କା କରାଯାଉଛି।

ପେଟ୍ରୋଲ ଟ୍ୟାଙ୍କରରେ ଥିଲା ୭୫ ଲକ୍ଷ ଟଙ୍କାର ବେଆଇନ ଜିନିଷ

କୋରାପୁଟ,୩୧।୦୧ (ନି.ପ୍ର): ଗଞ୍ଜେଇ ଚାଲାଣ ପାଇଁ ମାଫିଆ ବାଛିଥିଲେ ପେଟ୍ରୋଲ ନେବା ଆଣିବା କରୁଥିବା ଏକ ଟ୍ୟାଙ୍କରକୁ। କିନ୍ତୁ ସେମାନଙ୍କର ଏହି ତରିକା ଫେଲ୍ ମାରିଲା। ଆଉ ଧରି ପକାଇଲା ପୁଲିସ୍। ଏମିତି ଏକ ଘଟଣା ଘଟିଛି କୋରାପୁଟ ଜିଲ୍ଲାରେ। ତେଲ ଟ୍ୟାଙ୍କରରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ସୂଚନା ପାଇଥିଲା ସେମିଳିଗୁଡ଼ା ପୁଲିସ୍। ଲମତାପୁଟ ଅଞ୍ଚଳରୁ ଟ୍ୟାଙ୍କରଟି ବିହାର ଯାଉଥିବା ବେଳେ ସେମିଳିଗୁଡ଼ା ପୁଲିସ୍ ଏହାକୁ ଧରିଥିଲା। ସେମିଳିଗୁଡ଼ା ଥାନା ଅଧିକାରୀ ଧୀରେନ୍ କୁମାର ବେହେରା କହିଛନ୍ତି, ଟ୍ୟାଙ୍କରୁ ୧୫ କ୍ୱିଣ୍ଟାଲ ୭୭ କେଜି ଗଞ୍ଜେଇ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୭୫ ଲକ୍ଷ ଟଙ୍କା ହେବ। ପୁଲିସ୍ ଟ୍ୟାଙ୍କର ଓ ଗଞ୍ଜେଇ ଜବତ କରିଥିବା ବେଳେ ଗଞ୍ଜେଇ ମାଫିଆମାନେ ଫେରାର ହୋଇଯାଇଥିଲେ। ଟ୍ୟାଙ୍କର ଡ୍ରାଇଭରକୁ ମିଶାଇ ଟ୍ୟାଙ୍କରରେ ମୋଟ ୩ ଜଣ ଥିଲେ।

ମୋଦିଙ୍କ ମନ କିଣିଲା ଓଡ଼ିଆ ଝିଅର ପଟ୍ଟଚିତ୍ର କଳା

ନୂଆଦିଲ୍ଲୀ,୩୧।୦୧: ଓଡ଼ିଶାର କଳାକୁ ପୁଣି ଜାତୀୟ ସ୍ତରରେ ମିଳିଲା ସାବାସି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ମନ୍ କୀ ବାତରେ ରାଉରକେଲାର ଝିଅ ଭାଗ୍ୟଶ୍ରୀ ସାହୁଙ୍କ କଳାକୁ ପ୍ରଶଂସା କରିଛନ୍ତି। ଇଞ୍ଜିନିୟରିଂ ଛାତ୍ରୀ ଭାଗ୍ୟଶ୍ରୀ ଗତ କିଛି ଦିନ ହେଲା ପଟ୍ଟଚିତ୍ରକୁ ଆପଣାଇ ଯେଉଁଭଳି ନିପୁଣତା ହାସଲ କରିଛନ୍ତି, ତାହା ପ୍ରଶଂସନୀୟ ବୋଲି ମୋଦି କହିଛନ୍ତି। ମୋଦି ଭାଗ୍ୟଶ୍ରୀଙ୍କ ବିଶେଷତା ବାବଦରେ କହିଛନ୍ତି, ସେ କେଉଁଥିରେ ଚିତ୍ର ଆଙ୍କୁଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ। ଭାଗ୍ୟଶ୍ରୀ କଲେଜ୍ ଯିବା ବାଟରେ ସଫ୍ଟ ଷ୍ଟୋନ୍ ସଂଗ୍ରହ କରି ଦିନକୁ ଦୁଇ ଘଣ୍ଟା ପଟ୍ଟଚିତ୍ର ଶୈଳୀରେ ଚିତ୍ର ଆଙ୍କନ୍ତି। ଏହି ଚିତ୍ରସବୁକୁ ସାଙ୍ଗମାନଙ୍କୁ ଉପହାରରେ ଦିଅନ୍ତି। ଲକଡାଉନ ସମୟରେ ବୋତଲରେ ମଧ୍ୟ ସେ ପେଣ୍ଟିଂ କରୁଥିଲେ। ଏବେ କର୍ମଶାଳା ବି ଆୟୋଜନ କରୁଛନ୍ତି। ବିଶେଷ କରି କିଛି ଦିନ ତଳେ ସେ ଆଙ୍କିଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଚିତ୍ର ମୋଦିଙ୍କ ମନ କିଣିପାରିଛି। ପ୍ରଧାନମନ୍ତ୍ରୀ ମୋଦି ଭାଗ୍ୟଶ୍ରୀଙ୍କ ଭବିଷ୍ୟତ ପାଇଁ ଶୁଭକାମନା ଦେବା ସହ ଆଗକୁ ମଧ୍ୟ କଳା ମାଧ୍ୟମରେ ବହୁତ କିଛି ଶିଖାଯାଇପାରିବ ବୋଲି ସେ କହିଛନ୍ତି।

ଇ-ଇପିକ୍ ଡାଉନ୍‌ଲୋଡ୍ ସମୟସୀମା ଫେବୃଆରୀ ୨୮ ଯାଏଁ ବଢ଼ିଲା

ଭୁବନେଶ୍ୱର,୩୧।୦୧ (ନି.ପ୍ର): ଭାରତ ନିର୍ବାଚନ ଆୟୋଗ ଗତ ୨୫ ତାରିଖ ଜାତୀୟ ଭୋଟର ଦିବସ ପାଳନ ଅବସରରେ ଭୋଟରମାନଙ୍କ ପାଇଁ (ଇ-ଇପିକ୍) ଇଲେକ୍‌ଟ୍ରୋନିକ୍ସ ଭୋଟର ପରିଚୟ ପତ୍ରର ଶୁଭାରମ୍ଭ କରିଥିଲେ। ଏହା ପ୍ରତି ନୂତନ ଭୋଟରମାନଙ୍କର ପ୍ରବଳ ଆଗ୍ରହ ଦେଖି ନିର୍ବାଚନ ଆୟୋଗ ଇ-ଇପିକ୍ ▶▶ପୃଷ୍ଠା ୭

ସଂସଦରେ ଉଠାଯାଉ ମହାନଦୀ ଜଳ ବିବାଦ ପ୍ରସଙ୍ଗ : ବିଜୟ ମହାପାତ୍ର

ଓଡ଼ିଶା ସପକ୍ଷରେ ଯିବ ଟ୍ରିବ୍ୟୁନାଲଙ୍କ ରାୟ : ମନ୍ତ୍ରୀ ପଦ୍ମନାଭ ବେହେରା

ଭୁବନେଶ୍ୱର,୩୧।୦୧ (ନି.ପ୍ର): ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲରେ କ'ଣ ହେଉଛି, କେହି ଜାଣିପାରୁ ନାହାନ୍ତି। ଇତିମଧ୍ୟରେ ଟ୍ରିବ୍ୟୁନାଲକୁ ୩ ବର୍ଷ ପୁରିଛି। ରାଜ୍ୟ ସରକାର ସେଠାରେ ତଥ୍ୟ ଉପସ୍ଥାପନ କରିପାରୁ ନାହାନ୍ତି କିମ୍ବା ଲଢ଼େଇ କରିପାରୁ ନାହାନ୍ତି ବୋଲି କହିଛନ୍ତି ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର। ଏହି ପ୍ରସଙ୍ଗରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ପ୍ରତିକ୍ରିୟା ରଖି କହିଛନ୍ତି ଟ୍ରିବ୍ୟୁନାଲଙ୍କ ରାୟ ଓଡ଼ିଶା ସପକ୍ଷରେ ଯିବ। ଓଡ଼ିଶାକୁ ତାର ହକର ପାଣି ମିଳିବ ବୋଲି ସେ ଦୃଢୋକ୍ତି କରିଛନ୍ତି । ସେ କହିଛନ୍ତି, ମହାନଦୀ ପାଇଁ ସ୍ୱର ଉତୋଳନ କରୁଥିବା ସରକାର, ବିରୋଧୀ ଓ ବିଭିନ୍ନ ସଂସ୍ଥା ଏବେ ଚୁପ କାହିଁକି ? ରାଜ୍ୟ ସରକାର ହୀରାକୁଦର ତଳମୁଣ୍ଡରେ ଘୋଷଣା କରିଥିବା ୬ ପ୍ରକଳ୍ପ କୁଆଡ଼େ ଗଲା ? ଇବ୍ ପ୍ରକଳ୍ପ ପରି ମହାନଦୀର ଉପର ମୁଣ୍ଡରେ ଥିବା ଉପନଦୀରେ ମଧ୍ୟ ୧୨ ପ୍ରକଳ୍ପ ହୋଇପାରୁନି। ବର୍ତ୍ତମାନ ସଂସଦରେ ମହାନଦୀ ପ୍ରସଙ୍ଗ ଉଠାଇବା ଜରୁରୀ ହୋଇଛି। ମହାନଦୀର ସ୍ଥିତି ଉପରେ ସରକାର ତୁରନ୍ତ ସାଧାରଣ ଲୋକଙ୍କୁ ଅବଗତ କରାନ୍ତୁ। ଏବେ ଠାରୁ ରାଜ୍ୟରେ ମହାନଦୀ ଓ ଶାଖାନଦୀ ଶୁଖିଲାଣି। ଭୟଙ୍କର ଜଳସଙ୍କଟ ଭିତରକୁ ଓଡ଼ିଶା ଯାଉଛି। ଆଗକୁ ପରିସ୍ଥିତି ଆହୁରି ଭୟାନକ ହେବ। ଅନ୍ୟପକ୍ଷରେ କଂଗ୍ରେସ ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି କହିଛନ୍ତି । ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇବ ଦଳ। ମହାନଦୀ ସମ୍ପର୍କରେ ରାଜ୍ୟ ସରକାର ତୁରନ୍ତ ସର୍ବଦଳୀୟ ବୈଠକ ଡ଼କାନ୍ତୁ ବୋଲି ସେ ପ୍ରସ୍ତାବ ଦେଇଛନ୍ତି । ଉଭୟ ବିଜେପି ଓ ବିଜେଡ଼ି ରାଜ୍ୟର ସ୍ୱାର

ଆନ୍ଦୋଳନରତ କୃଷକଙ୍କ ଉପରେ ଜୁଲମର ପ୍ରତିବାଦ

ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ଦିଲ୍ଲୀ ଚଲୋ ଆହ୍ୱାନ

ବାଲେଶ୍ୱର,୩୧।୧ (ନି.ପ୍ର): ଦିଲ୍ଲୀରେ ଆନ୍ଦୋଳନରତ କୃଷକଙ୍କ ଉପରେ ହେଉଥିବା ନିର୍ଯାତନାକୁ ବିରୋଧ କରି ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ରେମୁଣା ବ୍ଲକ ସମ୍ମୁଖରେ କୃଷକ ଗଣ ସତ୍ୟାଗ୍ରହ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । ସମନ୍ୱୟ ସମିତର ସଭାପତି ପ୍ରେମ ରଞ୍ଜନ ପାତ୍ର ଏଥିରେ ପୌରୋହିତ୍ୟ କରିବା ସହିତ ଦିଲ୍ଲୀରେ କୃଷକଙ୍କ ଉପରେ ହେଉଥିବା ଜୁଲମ ସେମାନଙ୍କ ବିରୋଧରେ ମିଥ୍ୟା ମକଦମା ରୁଜୁକୁ ତୀବ୍ର ନିନ୍ଦା କରିଥିଲେ। କୃଷକଙ୍କୁ ହଟାଇବା ପାଇଁ କେନ୍ଦ୍ରର ବିଜେପି ସରକାର ଦୀପକ ସିନ୍ଦୋ ଦ୍ୱାରା ସାଧାରଣତନ୍ତ୍ର ଦିବସରେ ବିଶୃଙ୍ଖଳା କରିଥିବା ବେଳେ ତା'ର ଗିରଫଦାରୀ ନେଇ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ଅନ୍ୟପକ୍ଷରେ ହକ୍ ପାଇଁ ଦୀର୍ଘଦିନ ଧରି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରଖିଥିବା ନିରୀହ କୃଷକଙ୍କୁ ହଟାଇବା ପାଇଁ ସେମାନଙ୍କ ଉପରେ ମିଥ୍ୟା ମକଦମା କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଶ୍ରୀ ପାତ୍ର କହିଛନ୍ତି। ସରକାର କୃଷକ ଗିରଫଦାରୀ ବନ୍ଦ କରିବା ସହିତ ତୁରନ୍ତ ନୂତନ କୃଷି ଆଇନ୍ ପ୍ରତ୍ୟାହାର ପାଇଁ ଏହି ଗଣତ୍ୟାଗ୍ରହରେ ଦାବି ହୋଇଥିଲା। ନିର୍ମଳ ନାୟକ, ଚାଷୀ ଭଗବାନ ମହାନ୍ତି, ପ୍ରସନ୍ନ ଷଡ଼ଙ୍ଗୀ, ସିକନ୍ଦର ଖାଁ, ସୁଦର୍ଶନ ବେହେରା, ବିଧାନ ଚନ୍ଦ୍ର ରାୟ, ସନାତନ ଜଳଦାସ, ପ୍ରଦୀପ ଦାସ, ସୁରଜିତ ପୋଥାଳ, ନିରଂଜନ ସିଂ, ଘନଶ୍ୟାମ ବେହେରା, ମମତା ସିଂ ପ୍ରମୁଖ ଏଥିରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନର ଦୃଢ ସମାଲୋଚନା କରିଥିଲେ । ତୁରନ୍ତ କୃଷକଙ୍କ ହେଉଥିବା ଅତ୍ୟାଚାର ବନ୍ଦ କରା ନଗଲେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଏହି ଅବସରରେ ସମନ୍ୱୟ ସମିତି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ରେମୁଣା ବିଡିଓଙ୍କୁ ପ୍ରଦାନ କରାଯାଇଥିଲା।

କୃଷି ବିଭାଗ ପକ୍ଷରୁ ବିହନ ବିଶୋଧନ ତାଲିମ୍ ଲୋକ ଦେଖାଣିଆ

କଣାସ,୩୧।୧ (ନି.ପ୍ର): ରାଜ୍ୟ ସରକାର କୃଷକ ମାନଙ୍କ ପ୍ରଗତି ପାଇଁ ଯୋଜନାପରେ ଯୋଜନା କରି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଚାଲିଥିବା ବେଳେ ଯୋଜନା ଗୁଡିକ କାର୍ଯ୍ୟକାରୀ କରୁଥିବା ସରକାରୀ ଅଧିକାରୀମାନଙ୍କ ଖାମଖିଆଲି ନୀତି ଯୋଗୁ କୃଷକ ମାନେ ପ୍ରକୃତ ତାଲିମ୍‌ରୁ ବଂଚିତ ହୋଇଥିବା ଦେଖିବାକୁ ମିଳିଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ପୁରୀ ଜିଲ୍ଲା କଣାସ ବ୍ଲକ୍‌ର ୨୮ଟି ଗ୍ରାମପଚାଂୟତର ୧୭ ଟି ସ୍ଥାନରେ ବିହନ ବିଶୋଧନ ସମ୍ପର୍କରେ କୃଷକ ମାନଙ୍କୁ ତାଲିମ୍ ଦେବା ପାଇଁ ନିର୍ଦ୍ଦେଶ ପାଇବା ପରେ କଣାସ ବ୍ଲକ୍ କୃଷି ଅଧିକାରୀ ପଦ୍ମଚରଣ କର ବିଭିନ୍ନ ସ୍ଥାନରେ କେବଳ ମହିଳାମାନଙ୍କୁ ଧରି ଏହି ବୈଠକ ଗୁଡିକ କରିଥିବା ଦେଖିବାକୁ ମିଳିଛି । ଅନୁରୂପ ଭାବେ ଗତ ଦୁଇ ଦିନ ପୂର୍ବେ କାଦୁଆ ଗ୍ରାମପଚାଂୟତର ସାହାସପୁର ଗ୍ରାମରେ ବିହନ ବିଶୋଧନ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳାରେ ମାତ୍ର ୨ ଜଣ ପରୁଷ ଥିବାବେଳେ ୫୦ ରୁ ଉର୍ଦ୍ଧ୍ୱ ମହିଳା ବସିଥିବା ଦେଖିବାକୁ ମିଳିଥିଲା । ଏ ସମ୍ପର୍କରେ କୃଷି ଅଧିକାରୀ ଶଯରୀ କରଙ୍କୁ ପଚାରିବାରୁ ସେ କୁହନ୍ତି ସରକାରଙ୍କ ନିର୍ଦ୍ଦେଶ ଅଛି ଶତକଡା ୩୦ ଭାଗ ମହିଳା ଓ ୭୦ ଭାଗ ପୁରୁଷ ଚାଷୀ ରହିବା ପାଇଁ ସରକାରୀ ନିର୍ଦ୍ଦେଶ ଆସିଛି, କିନ୍ତୁ ଅଧିକାରୀମାନେ ସରକାରୀ ନିର୍ଦ୍ଦେଶ ମାନି କେବଳ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କୁ ଡାକି ଫଟୋ ଉଠାଇ କାର୍ଯ୍ୟ ସମାପନ କରୁଥିବା ଦେଖିବାକୁ ମିଳିଥିଲା । କେତେକ ମହିଳା ଆମକୁ ସ୍ୱଂୟସହାୟକ ବୈଠକ ଅଛି କହି କର୍ମଶାଳାକୁ ଆସିବା ପାଇଁ ଡକାଯାଇଥିବା କୃଷି ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ । କୃଷି ଅଧିକାରୀ କୌଣସି ସନ୍ତୋଷ ଜନକ ଉତର ଦେଇପାରି ନଥିଲେ । କର୍ମଶାଳାକୁ ଆସିଥିବା ଅର୍ଥ ଏହିପରି ବାଟମାରଣା ହେଉଥିବାରୁ ପ୍ରକୃତ କୃଷକ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏହି କର୍ମଶାଳାରେ କୃଷି ଅଧିକାରୀଙ୍କ ସହିତ ଅତିରିକ୍ତ କୃଷି ଅଧିକାରୀ ପ୍ରତିଭା ଖଣ୍ଡାୟତରାୟ ଉପସ୍ଥିତ ରହିଥିଲେ ।

ଗୋଖାଦ୍ୟ ବୋଝେଇ ଟ୍ରକ୍‌ରେ ଗଞ୍ଜେଇ ଚାଲାଣ: ୨୦ କ୍ୱିଂଟାଲ ଗଞ୍ଜେଇ ଜବତ

ଗଞ୍ଜାମ,୩୧।୧ (ନି.ପ୍ର): ଗୋଖାଦ୍ୟ ବୋଝେଇ ଟ୍ରକ୍ ରେ ଗଞ୍ଜେଇ ଚାଲାଣ ବେଳେ ଅବକାରୀ ସ୍କ୍ୱାଡ୍ ହାତରେ ଧରାପଡିଛି । ଯାଂଚ୍ ବେଳେ ଟ୍ରକ୍ ରୁ ୨୦ କ୍ୱିଂଟାଲ ଗଞ୍ଜେଇ ଜବତ ହୋଇଛି । ଘଟଣାରେ ଜଣକୁ ଅଟକ ରଖି ପଚରା ଉଚୁରା କରୁଛି ଅବକାରୀ ସ୍କ୍ୱାଡ୍ । ୧୬ ନଂ ଜାତୀୟ ରାଜପଥର କନିଷି ନିକଟରେ ଟ୍ରକ୍ ଯାଂଚ୍ ବେଳେ ଧରିଥିଲା ଅବକାରୀ ଗୁଇନ୍ଦା ସ୍କ୍ୱାଡ୍ । ଏସଆଇ ବିଶ୍ୱଜିତ ଦାଶ କହିଛନ୍ତି ଯେ, ଆମେ ଏନେଇ ଖବର ପାଇଥିଲୁ । ଏକ ଟ୍ରକରେ କୋରାପୁଟରୁ ଆସୁଥିବା ନେଇ ଆଜି ସକାଳୁ ଜବତ କରିଛି । ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

ଡ୍ରିମ୍ସ ଆଇଡିଆଲ ସ୍କୁଲ ପକ୍ଷରୁ ଶହୀଦ ଦିବସ

ବାଲେଶ୍ୱର,୩୧।୧ (ନି.ପ୍ର): ବାଲେଶ୍ୱର ସହରର ଅରଡ଼ବଜାରସ୍ଥିତ ଡ୍ରିମ୍ସ ଆଇଡିଆଲ ରେସିଡେନସିଆଲ ସ୍କୁଲ ପରିସରରେ ଆଜି ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ସହରର ସନେମାଛକ ଶହୀଦ ପାର୍କରେ ପହଞ୍ଚିଥିଲା। ସେଠାରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସମସ୍ତେ ଜାତିର ଜନକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଶିଷ୍ଟ କାବ୍ୟଶିଳ୍ପୀ ତଥା ବରିଷ୍ଠ ସାମ୍ବାଦିକ ସର୍ବେଶ୍ୱର ଦାସ, କବି ପ୍ରଶାନ୍ତ ଦାସ, ଡ୍ରିମ୍ସ ଆଇଡିଆଲ ସ୍କୁଲ ପ୍ରତିଷ୍ଠାତା ଗଙ୍ଗାଧର ଦାସ, ସମ୍ପାଦକ ଭାବଗ୍ରାହୀ ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଜୀବନାଦର୍ଶ ଓ ମହାପ୍ରୟାଣ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱାଧୀନତା ଆନ୍ଦୋଳନର ରୂପରେଖ ଓ ଭାରତବର୍ଷକୁ ଗାନ୍ଧିଜୀଙ୍କ ଅବଦାନ ସମ୍ପର୍କରେ ଅତିଥିମାନେ ସୂଚନା ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପିତା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ସତ୍ୟଭାମା ପ୍ରଧାନ, ଦୀପାଞ୍ଜଳି ଦାସ, ସ୍ମୃତିସୁଧା ଦାସ, ରେହେନା ବେଗମ, କଳ୍ପନା ବାରିକ, ଆରତୀ ରାଉଳ, ରୂପଶ୍ରୀ ବେହେରା, ଆରତୀବାଳା ଦାସ, କାବ୍ୟଶ୍ରୀ ସାହାଣୀ, ମଧୁସ୍ମିତା ପ୍ରଧାନ, ସ୍ମୃତିରେଖା ନାୟକ, ରୁନି ସିଂ, ଅରବିନ୍ଦ ହାତୀ, ଦ୍ୱିତୀକୃଷ୍ଣ ମହାନ୍ତି, ଲକ୍ଷ୍ମୀଧର ପଣ୍ଡା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ।

ଶିକ୍ଷକନେତା ସ୍ୱର୍ଗତ ମାନସ କରଙ୍କ ଶ୍ରଦ୍ଧାଞ୍ଜଳି ସଭା

ଜଳେଶ୍ୱର,୩୧।୧ (ନି.ପ୍ର): ବାଲେଶ୍ୱର ଜିଲା ଜଳେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିନସ୍ଥ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଓ ଅବସରପ୍ରାପ୍ତ ଶିକ୍ଷକ ସଂଘର ନେତା ମାନସ କୁମାର କରଙ୍କ ସ୍ମୃତିସଭା ଜଳେଶ୍ୱର ଶିକ୍ଷକ ଭବନରେ ଅନୁଷ୍ଠିତ ହୋଇ ଯାଇଛି। ଖଗେନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିପିନ ବିହାରୀ ବିଶ୍ୱାଳ, ରାଜାରାମ କରସର୍ମା, ପ୍ରଭାସ ଚନ୍ଦ୍ର ପାଳ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ କରଙ୍କ ସ୍ମୃତିଚାରଣ କରିଥିଲେ। ସେ ଜଣେ ଆଦର୍ଶ ଶିକ୍ଷକଭାବେ କୃତିତ୍ୱ ଅର୍ଜନ କରିଥିବା ବେଳେ ଗତ ୨୧-୧-୨୧ରେ ମୃତ୍ୟବରଣ କରିଛନ୍ତି। ଜଳେଶ୍ୱରରେ ବିଇଓ ଅଫିସ୍ ନିର୍ମାଣରେ ତାଙ୍କର ବଳିଷ୍ଠ ଭୂମିକା ରହିଥିବାରୁ ଜଳେଶ୍ୱରବାସୀଙ୍କ ଚିରସ୍ମରଣୀୟ ହୋଇ ରହିବେ ବୋଲି ବକ୍ତାମାନେ କହିଛନ୍ତି।

ଖୁବ୍ ଶୀଘ୍ର ସୁନ୍ଦରଗଡ଼ରେ ଶେଷ ହେବ ଟର୍ଫ ନିର୍ମାଣ

ଆଉ ସାଧାରଣ ଘାସ ଗାଲିଚା ନୁହେଁ, ଆନ୍ତର୍ଜାତିକ ମାନର ଟର୍ଫରେ ଅଭ୍ୟାସ କରିବେ ଖେଳାଳୀ : କ୍ରୀଡ଼ା ମନ୍ତ୍ରୀ

ଭୁବନେଶ୍ୱର,୩୧।୧ (ନି.ପ୍ର): କ୍ରୀଡ଼ା, ଯୁବସେବା, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା ତିନିଦିନିଆ ମାରାଥନ ଗସ୍ତର ଶେଷଦିନରେ ସୁନ୍ଦରଗଡ଼ ଜିଲ୍ଲାର ଟାଙ୍ଗରପାଲି ବ୍ଲକ୍ ମିନିଷ୍ଟାଡିୟମ୍, ହେମଗିରି ବ୍ଲକ୍ ମୁଖ୍ୟାଳୟରେ ଥିବା ପଡ଼ିଆ, ଲେଫ୍ରିପଡା ବ୍ଲକ୍‌ର ଜୟରାମ ହାଇସ୍କୁଲ, ବାଲିଶଙ୍କରା ବ୍ଲକ୍‌ର ବାଳିକା ହାଇସ୍କୁଲ ନିକଟରେ ଥିବା ଟିଲେଇକାନି କମ୍ୟୁନିଟି ପଡ଼ିଆ ଏବଂ ସବ୍ ଡେଗା ବ୍ଲକ୍‌ର ଗାଇବେର ମିଶନ ସ୍କୁଲ ପଡ଼ିଆ ବୁଲି ଦେଖିଥିଲେ । ମନ୍ତ୍ରୀ ଶ୍ରୀ ବେହେରା ଜିଲ୍ଲାର ସମସ୍ତ ବ୍ଲକ୍‌ରେ ଚିହ୍ନଟ ହୋଇଥିବା ପଡ଼ିଆକୁ ଅନୁଧ୍ୟାନ କରିବା ସହ ଟର୍ଫ ନିର୍ମାଣ ଲାଗି ସମସ୍ତ ବ୍ୟବସ୍ଥା ବିଷୟରେ ଜିଲ୍ଲା ଏବଂ ବ୍ଲକ୍‌ର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଟର୍ଫ ନିର୍ମାଣ ସହ ଚେଞ୍ଜିଂରୁମ୍, ଜିମ୍, ଶୌଚାଳୟ, କାର୍ଯ୍ୟାଳୟ, ପାର୍କିଂ ସ୍ଥଳ ନିର୍ମାଣ, ସାଧାରଣ କ୍ରୀଡ଼ା ଉତ୍ସବ ନିମନ୍ତେ ମଣ୍ଡପ ନିର୍ମାଣ ବିଷୟରେ ବିଷଦ ଆଲୋଚନା କରିଥିଲେ । ହକି ଟର୍ଫ ନିର୍ମାଣ ନେଇ ଜିଲ୍ଲାରେ କ୍ରୀଡ଼ାବିତ୍‌ଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ଏବଂ ସରକାରୀ ଅଧିକାରୀମାନଙ୍କଠାରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ ଜିଲ୍ଲାକୁ ଅନ୍ତର୍ଜାତୀୟ ସ୍ତରରେ ପହଂଚାଇବା ଲାଗି ଯେଉଁ ଲକ୍ଷ୍ୟ ରଖିଛନ୍ତି, ତାହା ଖୁବ୍ ଶୀଘ୍ର ପୂରଣ ହେବ ବୋଲି ଗସ୍ତ ଅବସରରେ ମନ୍ତ୍ରୀ ଶ୍ରୀ ବେହେରା ପ୍ରକାଶ କରିଥିଲେ । ଖୁବ୍ ଶୀଘ୍ର ଜିଲ୍ଲାରେ ନିର୍ମାଣ ହେବାକୁ ଥିବା ସମସ୍ତ ୧୭ ଟର୍ଫ ନିର୍ମାଣ କରାଯିବା ସହ ପିଲାମାନେ ଏକ ନିଆରା ଅନୁଭୂତି ନେଇପାରିବେ । ଏଥି ସହିତ ଜିଲ୍ଲାବାସୀଙ୍କ ହକି ପ୍ରତି ଏବଂ ରାଜ୍ୟ ସରକାରଙ୍କ ପ୍ରତି ଥିବା ଭଲପାଇବାକୁ ସେ କେବେହେଲେ ଭୁଲିପାରିବେ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ବେହେରା ସୁନ୍ଦରଗଡ଼ ଜିଲ୍ଲା ଗସ୍ତ ଅବସରରେ ମତବ୍ୟକ୍ତ କରିଥିଲେ ।

ଗବସାହି ତାରିଣୀ ମନ୍ଦିର ପ୍ରତିଷ୍ଠାର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ

ଭଦ୍ରକ,୩୧।୧ (ନି.ପ୍ର):ଭଦ୍ରକ ଗବସାହି ସ୍ଥିତ ତାରିଣୀ ମନ୍ଦିର ପ୍ରତିଷ୍ଠାର ଦ୍ୱିତୀୟ ବାର୍ଷିକ ସମାରୋହ ଦୁଇଦିନ ବ୍ୟାପୀ ମହାସମାରୋହରେ ପାଳନ କରାଯାଇଛି। ପ୍ରଥମ ଦିନ ଶତାଧିକ ମହିଳା ସାଳନ୍ଦୀ ନଦୀରୁ କଳସ ବୁଡାଇ ବିରାଟ ଶୋଭାଯାତ୍ରାରେ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ପରେ କଳସ ସ୍ଥାପନ, ସୂର୍ଯ୍ୟପୂଜା, ଗ୍ରହଶାନ୍ତି ପୂଜା, ମାଆଙ୍କର ଉପଚାର ପୂଜା, ବିଶ୍ୱଶାନ୍ତି ମହାଯଜ୍ଞର ଆରମ୍ଭ, ଚଣ୍ଡିପାଠ ରୀତିନୀତି ଅନୁଯାୟୀ କରାଯାଇଥିଲା। ଦୁଇଦିନ ଧରି ମଧ୍ୟାହ୍ନରେ ପ୍ରସାଦ ସେବନ କାର୍ଯ୍ୟରେ ସହସ୍ରାଧିକ ଭକ୍ତ ପ୍ରସାଦ ସେବନ କରିଥିଲେ। ଏହି ଅବସରରେ ନାମ ସଂକୀର୍ତ୍ତନ ଦୁଇଦିନ ଧରି ଜାରି ରହିଥିଲା। ପ୍ରକାଶ ଯେ ବହୁ ବର୍ଷ ଧରି ସାଳନ୍ଦୀ ନଦୀ କୂଳରେ ମାଆଙ୍କର ପୂଜାର୍ଚ୍ଚନା ସୀମିତ ଭକ୍ତଙ୍କ ମଧ୍ୟରେ ହୋଇ ଆସୁଥିଲା। ୨ ବର୍ଷ ତଳେ ଗବସାହି ଗ୍ରାମବାସୀ ଏକଜୁଟ ହୋଇ ମାଆଙ୍କ ମୂର୍ତ୍ତିକୁ ଉଦ୍ଧାର କରି ଭବ୍ୟ ମନ୍ଦିର ନିର୍ମାଣ କରି ସେଥିରେ ସ୍ଥାପନା କରିଥିଲେ। ସେହି ଦିନଠାରୁ ମାଆଙ୍କର ପୂଜାର୍ଚ୍ଚନା ନିୟମିତ ହୋଇ ଆସିବା ସହିତ ପ୍ରତିଷ୍ଠା ଦିବସକୁ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମକୁ ମନ୍ଦିର କମିଟିର କର୍ମକର୍ତ୍ତା ସଭାପତି ଜଗବନ୍ଧୁ ପାଣି, ମୁଖ୍ୟଉପଦେଷ୍ଟା ନରେନ୍ଦ୍ର କୁମାର ଦାସ, ସମ୍ପାଦକ ଅନୁପ କୁମାର ସାହୁ, ଉପସଭାପତି ସରୋଜ କୁମାର ରାଉଳ, ରାଜେଶ ଦାସ, ସହସମ୍ପାଦକ ଜଗବନ୍ଧୁ ଯେନା, ବରିଷ୍ଠ ଉପଦେଷ୍ଟା ହରେକୃଷ୍ଣ ଦାସ, ଜ୍ଞାନ ପ୍ରକାଶ ପାଣି, ମୁକ୍ତିକାନ୍ତ ମଲ୍ଲିକ, କାର୍ଯ୍ୟକାରୀ ସଭ୍ୟ ଟୁକୁନା ଜେନା, କମଳାକାନ୍ତ ସେଠୀ, ସୁବ୍ରତ ଦାସ, ରାମଚନ୍ଦ୍ର ଯେନା (ମୁଖ୍ୟ ସେବକ), ଦାଶରଥି ଯେନା, ରାଜେନ୍ଦ୍ର ଯେନା, ପ୍ରଦୀପ ପଣ୍ଡିତ ଜଗବନ୍ଧୁ ପାଣିଗ୍ରାହୀଙ୍କ ସମେତ ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ।

ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ଝାରସୁଗୁଡ଼ା,୩୧।୧ (ନି.ପ୍ର): କୋଲାବିରା ତହସିଲଦାର ଗୋଲକ ବିହାରୀ ମଙ୍ଗରାଜଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉପଲକ୍ଷେ ଏକ ସଭା ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ସରୋଜ କୁମାର ସାମଲ ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପୁଷ୍ପଗୁଚ୍ଛ , ଉତରୀୟ ଓ ଅବସରକାଳୀନ ଉପହାର ପ୍ରଦାନ ପୂର୍ବକ ଶ୍ରୀ ମଙ୍ଗରାଜଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସାମଲ , ଗୋଲକ ବିହାରୀ ମଙ୍ଗରାଜଙ୍କ ଝାରସୁଗୁଡ଼ା ରହଣି ସମୟରେ ତାଙ୍କ କାର୍ଯ୍ୟ ଦକ୍ଷତା ଓ କର୍ତବ୍ୟ ନିଷ୍ଠା ପାଇଁ ପ୍ରଶଂସା କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଓ ଲିଲି କୁମାରୀ କୁଲୁ , ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ , ଉପ ଜିଲ୍ଲାପାଳ ଶିବ ଟପ୍ପୋ , ବିଡ଼ିଓ ପ୍ରସନ୍ନ ପାଣ୍ଡେ , ଝାରସୁଗୁଡ଼ା ତହସିଲଦାର ଦିଲ୍ଲୀପ ପ୍ରଧାନ ,ଡ଼େପୁଟି କଲେକ୍ଟର ଗୀତିକା ନାଏକ ପ୍ରମୁଖ ଶ୍ରୀ ମଙ୍ଗରାଜଙ୍କ କର୍ତବ୍ୟ ପରାୟଣତା ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ବର୍ଦ୍ଧନାର ଉତରରେ ଶ୍ରୀ ମଙ୍ଗରାଜ ଝାରସୁଗୁଡ଼ା ରହଣି ସମୟରେ ନିଜର ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ପ୍ରଶାସନିକ ଅଧିକାରୀଗଣ ଉପସ୍ଥିତ ଥିଲେ ।

କବି ବିନୋଦ ଚନ୍ଦ୍ର ନାୟକଙ୍କ ପ୍ରତିମୂର୍ତ୍ତି ଅନାବରଣ

ଝାରସୁଗୁଡ଼ା,୩୧।୧ (ନି.ପ୍ର): ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଆଜି କବି ବିନୋଦ ଚନ୍ଦ୍ର ନାୟକଙ୍କ ଆବକ୍ଷ ପ୍ରତିମୂର୍ତି ଉତରାଂଚଳ ରାଜସ୍ୱ ଆୟୁକ୍ତ ନିରଞ୍ଜନ ସାହୁ ଅନାବରଣ କରିଛନ୍ତି । ଏହି ଅବସରରେ ଝାରସୁଗୁଡା ଜିଲ୍ଲାପାଳ ସରୋଜ କୁମାର ସାମଲ , ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଧ୍ରୁବରାଜ ନାଏକ , ବେଦାନ୍ତ ସିଇଓ ସି ଏନ ସିଂହଙ୍କ ସମେତ ଆରକ୍ଷୀ ଅଧିକ୍ଷକ ବିକାଶ ଚନ୍ଦ୍ର ଦାଶ , ଡି ଏଫ ଓ ଲଳିତ ପାତ୍ର ,ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ , ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ , ଉପ ଜିଲ୍ଲାପାଳ ଶିବ ଟପ୍ପୋ , ବେଦାନ୍ତର ଚିଫ୍ ଅପରେଟିଙ୍ଗ ଅଫିସର (ମେଟାଲ) ଜି ଜି ପାଲ , ପି ଡି (ଆର ଏନ ଆର) ଆଲୋମଣି ସେଠୀ , ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ , ଗୀତିକା ନାଏକ , ପି ବି ବାଗେ , ଯୋଗେନ୍ଦ୍ର ମାଝୀ , ଗୋଲକ ବିହାରୀ ମଙ୍ଗରାଜ ଓ ଜିଲ୍ଲା ର ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ସହରର ବହୁ ବରିଷ୍ଠ ନାଗରିକ ବାଳଗୋବିନ୍ଦ ମିଶ୍ର , ପ୍ରଫେସର ଟହଲୁ ସାହୁ , ତାପସ ରାୟ ଚୌଧୁରୀ , ରଘୁମଣି ପଟେଲ , ପିଣ୍ଟୁ ପାଢ଼ୀ , ସାହିତ୍ୟ ଏକାଡେମୀ ସଦସ୍ୟା ଶିବପ୍ରିୟା ମିଶ୍ର , ମନ୍ଦାକିନୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ବେଦାନ୍ତ ସହଯୋଗରେ ସଂସ୍କୃତି ଭବନର ନବୀକରଣ ଓ ସୌନ୍ଦର୍ଜୀକରଣ କରାଯାଇଛି ।

ପ୍ରଧାନ ଶିକ୍ଷକଙ୍କ ସମ୍ବର୍ଦ୍ଧନା ଓ ପ୍ରତିଭା ସମ୍ମାନ ଉତ୍ସବ

ଜଳେଶ୍ୱର,୩୧।୧ (ନି.ପ୍ର): ବାଲେଶ୍ୱର ଜିଲା ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଳେଶ୍ୱର ଓଷ୍ଟା ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଆଜି ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇ ଯାଇଛି । ପଦୋନ୍ନତି ପାଇଥିବା ପ୍ରଧାନ ଶିକ୍ଷକ ଓ ବିଭିନ୍ନ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ର

ମସ୍ତିଷ୍କ ରୋଗକୁ କମ୍ କରିବା ଅଲିଭ ଅଏଲ୍

ଅଲିଭ୍ ଅଏଲ୍ ନିଜର ସ୍ୱାସ୍ଥ୍ୟପ୍ରଦ ଗୁଣ ହେତୁ ଗତ କିଛି ବର୍ଷ ମଧ୍ୟରେ ସାରା ଦୁନିଆରେ ବେଶ୍ ଲୋକପ୍ରିୟ ହୋଇପାରିଛି । ଅବଶ୍ୟ ଏହି ତେଲ ଅନ୍ୟ ତେଲ ଅପେକ୍ଷା ଟିକେ ଦାମୀ । କିନ୍ତୁ ଶରୀର ଏବଂ ସ୍ୱାସ୍ଥ୍ୟ ପ୍ରତି ଏହାର ଫାଇଦାକୁ ନଜରରେ ରଖି ଲୋକମାନେ ଅଲିଭ ଅଏଲ୍ ବ୍ୟବହାରକୁ ଗୁରୁତ୍ୱ ଦେବାରେ ଲାଗିଛନ୍ତି । ଏଥିରେ ମୋନୋସାଚ୍ୟୁରେଟେଡ୍ ଫ୍ୟାଟ୍ ଏସିଡ୍ ରହିଛି, ଯାହାକୁ 'ଗୁଡ୍ ଫ୍ୟାଟ୍ସ' ମଧ୍ୟ କୁହାଯାଏ । ଏହି ଗୁଡ୍ ଫ୍ୟାଟ୍ସ ଶରୀରରେ କୋଲେଷ୍ଟ୍ରେରଲ୍‌ର ମାତ୍ରାକୁ କମ କରି ହୃଦୟକୁ ରୋଗ ମୁକ୍ତ ରଖିଥାଏ । ଏହା ବ୍ୟତୀତ ଅନ୍ୟ ଏକ ଗବେଷଣା ଅନୁସାରେ ଅଲିଭ୍ ଅଏଲ୍ ମସ୍ତିଷ୍କ ପାଇଁ ଖୁବ୍ ସହାୟକ ହୋଇଥାଏ । ଅଲିଭ ଅଏଲ୍ ଅନେକ ମସ୍ତିଷ୍କ ରୋଗ ଯଥା ଡିମେନ୍‌ସିଆ ଓ ଅଲଝାଇମର ଆଦି ରୋଗର ଆଶଙ୍କାକୁ କମ କରିଥାଏ । ମୂଷା ଉପରେ କରାଯାଇଥିବା ଗବେଷଣା ଅନୁସାରେ ଅତିରିକ୍ତ ଶୁଦ୍ଧ ଅଲିଭ ଅଏଲ୍ ବ୍ୟବହାର କରିବା ଦ୍ୱାରା ମସ୍ତିଷ୍କରେ ଟାଉ ପ୍ରୋଟିନ୍ କମ ଜମା ହୋଇଥାଏ, ଯାହା ସେଣ୍ଟ୍ରାଲ ନର୍ଭସ ସିଷ୍ଟମର ନ୍ୟୁରାନ୍ସ (ତନ୍ତୁକା) ରେ ଜମା ହୋଇଯାଇଥାଏ । ଏହି ଗବେଷଣା ଆଧାରରେ ବୈଜ୍ଞାନିକମାନେ ନିଷ୍କର୍ଷ ବାହାର କରିଛନ୍ତି ଯେ ଯଦି କେହି ବ୍ୟକ୍ତି ନିଜ ଖାଦ୍ୟରେ ଅତିରିକ୍ତ ଶୁଦ୍ଧ ଅଲିଭ ଅଏଲ୍ ପ୍ରୟୋଗ କରିଥାନ୍ତି, ତେବେ ସେମାନଙ୍କୁ ଡିମେନ୍‌ସିଆ ସମେତ ବିଭିନ୍ନ ପ୍ରକାରର ମସ୍ତିଷ୍କ ସମ୍ବନ୍ଧୀୟ ରୋଗ ହେବାର ଆଶଙ୍କା କମ ରହିଥାଏ ।

କୋଷିକାରୁ ବିଷାକ୍ତ ପଦାର୍ଥକୁ ବାହାର କରେ:

ମେଡିକାଲ ନ୍ୟୁଜ୍ ଟୁଡେରେ ପ୍ରକାଶିତ ଖବର ଅନୁସାରେ ଅଲିଭ ଅଏଲ ପ୍ରୟୋଗ ଦ୍ୱାରା ମସ୍ତିଷ୍କର ଅଟୋଫାଜିର କ୍ଷମତା ବଢିଥାଏ । ଅଟୋଫାଜି ଏହା ଏମିତି ଏକ ପ୍ରକ୍ରିୟା, ଯାହା ଦ୍ୱାରା କୋଷିକା ଭିତରେ ଥିବା ବିଷାକ୍ତ ପଦାର୍ଥ ବାହାରକୁ ବାହାରି ଆସିଥାଏ । ତେଣୁ ଶୁଦ୍ଧ ଅଲିଭ ଅଏଲ ବ୍ୟବହାର କରୁଥିବା ଲୋକଙ୍କ ମସ୍ତିଷ୍କ ଅଧିକ ବୟସ ଯାଏ ସୁସ୍ଥ ରହିଥାଏ ।

ଏହି ଗବେଷଣା ଫିଲାଡୋଲଫାର ଟେମ୍ପଲ ୟୁନିଭର୍ସିଟି ମେଡିସିନ୍ ସ୍କୁଲର ପ୍ରଫେସର ଡାକ୍ତର ଟୋମେନିକୋ ପ୍ରାଟିକୋ କରିଥିଲେ । ଆଉ ଏହି ଗବେଷଣାର ରିପୋର୍ଟ ଏଜିଂ ସେଲ ନାମକ ଏକ ଜର୍ଣ୍ଣଲରେ ପ୍ରକାଶିତ ମଧ୍ୟ କରାଯାଇଥିଲା ।

କେମିତି ହୋଇଥିଲା ଗବେଷଣା:

ଏହି ଗବେଷଣା ପ୍ରଥମେ କିଛି ମୂଷାଙ୍କ ଉପରେ ସାମାନ୍ୟତମ ଜେନେଟିକାଲ ପରିବର୍ତ୍ତନ ଅଣାଯାଇ ପରୀକ୍ଷା କରାଯାଇଥିଲା । ସେହି ମୂଷାମାନଙ୍କ ମସ୍ତିଷ୍କରେ ଥିବା କୋଷିକାରେ ସାମାନ୍ୟଠାରୁ ଅଧିକ ଟାଉ ପ୍ରୋଟିନ ଜମା ହେଉଥିବାର ଦେଖିବାକୁ ମିଳିଥିଲା । ସେହି ମୂଷାଙ୍କୁ ଲଗାତାର ୬ମାସ ଯାଏ ଅଲିଭ ଅଏଲ୍ ଦିଆଯାଇଥିଲା । ପରେ ସେମାନଙ୍କୁ ପରୀକ୍ଷା କରି ଜଣାପଡିଲା ଯେ ଅଲିଭ ଅଏଲ ମୂଷାମାନଙ୍କ ମସ୍ତିଷ୍କରୁ ୬୦ ପ୍ରତିଶତ ଟାଉ ପ୍ରୋଟିନ କମ କରିଦେଇଛି । ଏହା ପରେ ୬ମାସର ମୂଷାମାନଙ୍କୁ ଏହି ଅଲିଭ ଅଏଲ ଦିଆଗଲା । ସର୍ଭେରେ କୁହାଯାଇଛି ଯେ ୬ମାସର ମୂଷା ଶରୀରରେ ଯେଉଁ ସ୍ଥିତି ହୋଇଥିଲ, ତାହା ମଣିଷ ଶରୀରରେ ୩୦ ବର୍ଷ ବୟସରେ ଦେଖିବାକୁ ମିଳିଥିଲା । ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତ ଯେ ଶୁଦ୍ଧ ଅଲିଭ ଅଏଲରେ ତିଆରି ଭୋଜନ ଖାଉଥିବା ମୂଷାମାନଙ୍କ ମସ୍ତିଷ୍କରେ ୬୦ ପ୍ରତିଶତ କମ ଟାଉ ପ୍ରୋଟିନ ଜମା ହୋଇଥିଲା । ଆଉ ସେହି ମୂଷାମାନଙ୍କ ବୁଦ୍ଧିର କ୍ଷମତା ଓ ଚିହ୍ନିବାର ଶକ୍ତି ଅନ୍ୟମାନଙ୍କ ତୁଳନାରେ ତୀବ୍ର ମଧ୍ୟ ରହିଥିଲା ।

ପକୋଡ଼ା ମିକ୍ସ ଭେଜ୍

ସାମଗ୍ରୀ:

ଗ୍ରେଭି ପାଇଁ- ଏକ ଟିମ୍‌ସ୍ପୁନ୍ ଅଦା ରସୁଣ ପେଷ୍ଟ, ଏକ ପ୍ୟାକେଟ ଟମାଟୋ ପ୍ୟୁରି, ଗୋଟିଏ ପିଆଜ, ୧/୪ ଚାମଚ ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ ଓ ଗରମ ମସଲା ଅଧା ଚାମଚ ଲେଖାଏଁ, ଲୁଣ ସ୍ୱାଦ ଅନୁସାରେ, କଟାଯାଇଥିବା ଧନିଆପତ୍ର, ଅଧା ଚାମଚ ଜିରା ଓ ରିଫାଇନ୍ ତେଲ । ପକୋଡ଼ି ପାଇଁ- ଦେଢ଼ ଲେଖାଏଁ, ଚାରି ପାଞ୍ଚଟି ପାଳଙ୍ଗ ପତ୍ର, ଲୁଣ ସ୍ୱାଦାନୁସାରେ, ଏକ ଚୁଟ୍‌କି ସୋଡ଼ା ବାଇକାର୍ବୋନେଟ୍ ଓ ରିଫାଇନ୍ ତେଲ ।

ପ୍ରଣାଳୀ:

ପକୋଡ଼ି ପାଇଁ- ବେସନ, ଲୁଣ ଏବଂ ସୋଡ଼ିଅମ ବାଇକାର୍ବୋନେଟ ପାଣିରେ ପକାଇ ଫେଣ୍ଟନ୍ତୁ ଓ ବ୍ୟାଟର ତିଆରି କରନ୍ତୁ । ବର୍ତ୍ତମାନ କଟା ଆଳୁ, ପିଆଜ ଓ ପାଳଙ୍ଗ ବ୍ୟାଟରରେ ପକାଇ ସେହି ମିଶ୍ରଣକୁ ତେଲରେ ଛାଣନ୍ତୁ । ପକୋଡ଼ି ପ୍ରସ୍ତୁତ ହୋଇଗଲା । ଗ୍ରେଭି ପାଇଁ- ଗଡ଼େଇରେ ଏକ ଚାମଚ ତେଲ କିମ୍ବା ଘିଅ ଗରମ କରନ୍ତୁ । ଏଥିରେ ଜିରା ଏବଂ ପିଆଜ ପକାଇ ଗୋଲ୍ଡେନ-ବ୍ରାଉନ କଲର ହେବା ଯାଏଁ ଭାଜନ୍ତୁ । ଏହାପରେ ଏଥିରେ ଅଦା-ରସୁଣ ପେଷ୍ଟ ପକଇ ଫ୍ରାଏ କରନ୍ତୁ । ଏଥିରେ ଟମାଟୋ ପ୍ୟୁରି, ଲାଲ ଲଙ୍କା, କଞ୍ଚା ଲଙ୍କା, ଗରମ ମସଲା ଓ ଲୁଣ ପକାଇ ମସଲାରୁ ତେଲ ଛାଡ଼ିବା ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ । ଏହାପରେ ଏଥିରେ ଗୋଟିଏ କପ୍ ପାଣି ପକାଇ ସିଝିବାକୁ ଦିଅନ୍ତୁ । ବର୍ତ୍ତମାନ ଏହାକୁ ଚୁଲିରୁ ଓହ୍ଲାଇଆଣି ଏଥିରେ ପକୋଡ଼ି ପକାନ୍ତୁ । କଟା ଧନିଆ ପତ୍ରରେ ଗାର୍ଣ୍ଣିସିଂ କରି ଗରମ ଚପାତି କିମ୍ବା ପରଟା ସହିତ ପରଷନ୍ତୁ ।

ନାଇଟ୍ ସୁଟ୍‌ରେ ଷ୍ଟାଇଲିଶ୍

ନାଇଟ୍ ସୁଟ୍ ମହିଳାମାନଙ୍କ ପାଇଁ ବେଶ୍ ଆରାମଦାୟକ ପୋଷାକ । ଢିଲା ହୋଇଥିବାରୁ ନାଇଟ୍ ସୁଟ୍ ଡ୍ରେସ୍ ପିନ୍ଧିବାକୁ ପସନ୍ଦ କରନ୍ତି । ଏବେ ଅଲଗା ଅଲଗା ଡିଜାଇନର୍ ନାଇଟ୍ ସୁଟ୍ ଫ୍ୟାଶନ୍ ଟ୍ରେଣ୍ଡ୍ ବନିଛି । ନାଇଟ୍ ସୁଟ୍‌ରେ କିପରି ଷ୍ଟାଇଲ୍ ବନେଇବେ ନିଅନ୍ତୁ କିଛି ଟିପ୍ସ ।

◆ପଜାମା ସେଟ୍: ରାତିରେ ଢିଲା ପଜାମା ସେଟ୍ ପିନ୍ଧିବା ଆରାମ ଦେଇଥାଏ । ଏହି କାରଣରୁ ପଜାମା ସେଟ୍ ସବୁବେଳେ ଫ୍ୟାଶନ୍‌ରେ ରହିଥାଏ । ଏହାମଧ୍ୟ ସବୁଠୁ ଅଧିକ ପିନ୍ଧାଯାଉଥିବା ନାଇଟ୍ ସୁଟ୍ । ଏହା ବିଭିନ୍ନ ପ୍ରକାର ଡିଜାଇନ୍‌ରେ ବଜାରରେ ଉପଲବ୍ଧ । କଟନ, ସାଟିନ୍, ସିଫନ୍, ଭଳି ଫ୍ୟାବ୍ରିକ୍ ବାଛିପାରିବେ ।

◆କ୍ରପ୍ ଟପ୍ ଏବଂ ସ୍ୱେଟ୍‌ପ୍ୟାଣ୍ଟ

ଯଦି ଆପଣ ପଜାମା ପିନ୍ଧିବାକୁ ଚାହୁଁନଥିବେ ତାହାଲେ କ୍ରପ ଟପ୍ ଏବଂ ସ୍ୱେଟପ୍ୟାଣ୍ଟ୍ କ୍ୟାରି କରିପାରିବେ । ନାଇଟ୍ ସୁଟ୍‌ରେ କ୍ରପ୍ ଟପ୍ ଏବେ ଟ୍ରେଣ୍ଡରେ । ଅନେକ ଝିଅ ଥାଆନ୍ତି ଯେଉଁମାନେ ଓଭରସାଇଜ ପୋଷାକ ପିନ୍ଧିବା ବଦଳରେ ନାଇଟ୍ ସୁଟ୍‌ରେ ଷ୍ଟାଇଲିଶ୍ ପୋଷାକ ପିନ୍ଧିଥାନ୍ତି । ଏଥିପାଇଁ କ୍ରପ୍ ଟପ୍ ଏବଂ ସ୍ୱେଟ୍‌ପ୍ୟାଣ୍ଟ ପରଫେକ୍ଟ ରହିଥାଏ । ଆପଣ ଚାହିଁଲେ ଏହି ନାଇଟ୍ ସୁଟ୍‌କୁ ବାହାରକୁ ପିନ୍ଧି ଯାଇପାରିବେ ।

◆ଟପ୍ ଏବଂ ସର୍ଟସ୍:

ସବୁ ସିଜିନ୍‌ରେ ଟପ୍ ଏବଂ ସର୍ଟସ୍ ପିନ୍ଧି ହୋଇଥାଏ । ନାଇଟ୍ ସୁଟ୍‌ରେ ଟପ୍ ଏବଂ ସର୍ଟସ୍ ବହୁତ କମନ୍ । କିଛି ଝିଅ ମ୍ୟାଚିଙ୍ଗ କଲର ପିନ୍ଧିବାକୁ ପସନ୍ଦ କରନ୍ତି ଆଉ କେହି କଣ୍ଟ୍ରାଷ୍ଟ୍ କଲର୍। ଆପଣଙ୍କ ପସନ୍ଦ ହିସାବରେ ଫ୍ୟାବ୍ରିକ୍ ବାଛିପାରିବେ ।

◆ଓ୍ୱେଟ୍‌ସାର୍ଟ ଏବଂ ଜ୍ୟାମି ସେଟ୍:

ଶୀତଦିନେ ନାଇଟ୍ ସୁଟ୍ ହିସାବରେ ସ୍ୱେଟ୍‌ସାଟ୍ କ୍ୟାରି କରିପାରିବେ । ସ୍ୱେଟ୍‌ସାର୍ଟ ଏବଂ ଜ୍ୟାମି ସେଟ୍‌କୁ ବାହାରକୁ ବୁଲାବୁଲି ପାଇଁ ପିନ୍ଧି ଯାଇପାରିବେ । ଆପଣଙ୍କ ପସନ୍ଦ ହିସାବରେ ଟିମଅପ କରିପାରିବେ ।

◆ଲଙ୍ଗ୍ ନାଇଟି: ମିହଳାମାନେ ନାଇଟିରେ ଅଧିକ ଆରାମ ମନେ କରନ୍ତି । ଅଧିକ ଷ୍ଟାଇଲିଶ୍ ପାଇଁ ଲଙ୍ଗ୍ ନାଇଟିର ବିଭିନ୍ନ ପ୍ରକାର ଷ୍ଟାଇଲ ଉପଲବ୍ଧ । ଆପଣଙ୍କ ପସନ୍ଦ ହିସାବରେ ଷ୍ଟାଇଲାଇଜ୍ କରିପାରିବେ । କଟନ୍ ହେଉ ବା ସାଟିନ୍ ଲଙ୍ଗ୍ ନାଇଟି ସହଜରେ ମିଳିଥାଏ ।

ନିୟମିତ ଖାଆନ୍ତୁ ପନିର୍

ଭାରତୀୟ ଶାକାହାରୀ ବ୍ୟଞ୍ଜନରେ ପନିର୍‌ର ଆଦର ରହିଛି । ବିଶେଷ ପର୍ବପର୍ବାଣିରେ ଅଧିକାଂଶଙ୍କ ଘରେ ପନିର୍ ତରକାରି ପରଷାଯାଇଥାଏ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଘରେ ପନିର୍ ତିଆରି କରି ସପ୍ତାହକୁ ୨-୩ ଥର ଖାଇପାରିବେ । ବଜାରରେ ମିଳୁଥିବା ଫ୍ରୋଜେନ୍ ପନିର୍‌କୁ ଯଥାସମ୍ଭବ କମ୍ ବ୍ୟବହାର କରିବା ଭଲ । କାରଣ ଏଥିରେ ରାସାୟନିକ ତତ୍ତ୍ୱ ମିଶିବାର ଭୟ ଥାଏ ।

◆ସେଲେନିୟମ୍ ଓ ପୋଟାସିୟମ୍ ତତ୍ତ୍ୱ ଭରପୂର ପନିର୍ ଆମ ଶରୀରକୁ ଆବଶ୍ୟକ ପରିମାଣରେ ଶକ୍ତି ଯୋଗାଇଥାଏ । ପିଲାଙ୍କଠାରୁ ବୟସ୍କ ସମସ୍ତେ ଏହା ଖାଇପାରିବେ । ମଧୁମେହ ରୋଗୀ ବିଶେଷଜ୍ଞଙ୍କ ପରାମର୍ଶ ନେବା ଭଲ ।

◆ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିଲେ, ପ୍ରତିଦିନ ପନିର୍ ଖାଇବା ଉଚିତ । କେଟୋ ଡାଏଟ୍‌ରେ ପନିର୍ ପ୍ରତିଦିନ ଖାଇବାକୁ ପରାମର୍ଶ ଦିଆଯାଇଥାଏ ।

◆ପନିର୍ ଖାଇଲେ ସ୍ମୃତିଶକ୍ତି ବୃଦ୍ଧି ହେବାରେ ସହାୟକ ହେଉଥିବା ବେଳେ ବୟସ୍କ ପିଢ଼ି ପ୍ରତିଦିନ ଅଳ୍ପ ପରିମାଣରେ ଖାଇବା ଭଲ । ଏ ବାବଦରେବିଶେଷଜ୍ଞ ମତ ଦେଇଛନ୍ତି, ଗୋଟିଏ କିମ୍ବା ଦୁଇ ଖଣ୍ଡ ପନିର୍ ମଧ୍ୟ ଖାଇପାରିବେ । ଆଲଜାଇମର୍ସ ଓ ଡିମେନ୍‌ସିୟା ରୋଗୀଙ୍କ ଉପରେ ପରୀକ୍ଷା କରାଯିବା ପରେ ଜଣାପଡ଼ିଛି, ସ୍ମୃତିଶକ୍ତି ଭଲ ରଖିବା ନିମନ୍ତେ ପ୍ରତିଦିନ ପନିର୍ ଖାଇବା ଭଲ ।

◆ଯୁବତୀ ଓ ମହିଳାଙ୍କ ନିମନ୍ତେ ଏହା ପୋଷକତତ୍ତ୍ୱ ଭରପୂର ଖାଦ୍ୟ । ପ୍ରସବ ପରେ ଶରୀରକୁ ଶକ୍ତି ଦେବା ନିମନ୍ତେ ମହିଳାମାନେ ପନିର୍ ପ୍ରସ୍ତୁତ ବ୍ୟଞ୍ଜନ ଖାଇବା ଉଚିତ ।

◆ପନିର୍‌ରେ ଥିବା ତତ୍ତ୍ୱ ଆମ ଦାନ୍ତ ଓ ହାଡ଼କୁ ମଧ୍ୟ ଶକ୍ତ କରିଥାଏ । ସକାଳ ଜଳଖିଆ ହେଉ କିମ୍ବା ଦ୍ୱିପହର ଭୋଜନ ଅବା ରାତ୍ରି ବେଳା, ଯେ କୌଣସି ସମୟରେ ପନିର୍ ଖାଇଲେ ତାହା ଭଲରେ ହଜମ ହୋଇଯାଏ । ହେଲେ ପନିର୍‌କୁ ଅଧିକ ପରିମାଣରେ ଖାଇବା ଅନୁଚିତ ।

◆ଓମେଗା ଥ୍ରୀ ଫ୍ୟାଟି ଏସିଡ୍ ଭରପୂର ପନିର୍ ଖାଇଲେ ଆମ କେଶ ଓ ତ୍ୱଚାର ସମସ୍ୟା ମଧ୍ୟ ଦୂର ହୁଏ । ପୋଟାସିୟମ୍ ଏଇ ଖାଦ୍ୟରେ ମଜହୁଦ୍ ଥିବାରୁ ତାହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ସହ ହୃଦ୍‌ରୋଗୀଙ୍କ ନିମନ୍ତେ ଏକ ଉତ୍ତମ ଖାଦ୍ୟ ବୋଲି ବିଶେଷଜ୍ଞଙ୍କ ମତ ।

କେକ୍ ଭୋଜୀ

ବଡ଼ଦିନ, ନୂଆବର୍ଷର ଆସରରେ କେକ୍ ଅଧିକ ଖୋଜା ପଡ଼େ । ବେକରୀ ଦୋକାନୀ, ଫୁଡ୍ ମାର୍ଟ, ଏ ସବୁ ସ୍ଥାନରେ ଭଳିକିଭଳି ସ୍ୱାଦ କେକ୍ ମିଳିଥାଏ। ଆମେ ଭାରତୀୟ ଜନ୍ମଦିନ, ବିବାହ ବାର୍ଷିକୀ ପରେ ଏବେ ବଡ଼ଦିନ, ନୂଆବର୍ଷକୁ ସ୍ୱାଗତ ପାଇଁ କେକ୍ କାଟିବାକୁ ପ୍ରାଥମିକତା ଦେଉଛେ । ବିଦେଶୀ ରାଷ୍ଟ୍ର ଆମେରିକା, ଇଉରୋପ, ବ୍ରିଟେନ୍, ଅଷ୍ଟ୍ରେଲିଆରେ ଏଇ ସମୟରେ କେକ୍ ବ୍ୟବସାୟ ଲକ୍ଷାଧିକ ଟଙ୍କାର ହେଉଥିବାବେଳେ ଚଳିତ ବର୍ଷ କରୋନା କାରଣରୁ କେକ୍ ବିକ୍ରି ସେଭଳି ମାତ୍ରାରେ ହେଉନଥିବାର ଜଣାପଡ଼ିଛି । ଆମେରିକାରେ ବଡ଼ଦିନ ଅବସରରେ ପଞ୍ଚତାରକା ହୋଟେଲଗୁଡ଼ିକ ଦାମୀ ଡିଜାଇନର କେକ୍ ପ୍ରସ୍ତୁତ କରିଥାନ୍ତି, ହେଲେ ଏଥରକ ସ୍ଥିତି ଅଲଗା । ରୋମାନ୍ ଶାସନ ସମୟରୁ ହିଁ ପ୍ରଥମେ କେକ୍ ତିଆରି ଆରମ୍ଭ ହୋଇଥିବାର ଅନୁମାନ କରାଯାଏ । ସେତେବେଳେ ଅଣ୍ଡା, ଡ୍ରାଏଫ୍ରୁଟସ୍, ମହୁ, ଖିରରେ ହିଁ କେକ୍ ତିଆରି ହେଉଥିଲା, ପରେ ଇଂଲଣ୍ଡରେ ଏହି ଖାଦ୍ୟର ଆଦର ବଢ଼ିଲା । ଇଂଲଣ୍ଡର ସେଫ୍‌ମାନେ କେକ୍‌କୁ ବିଭିନ୍ନ ଆକାର ଦେବା ସହ ସ୍ୱାଦକୁ ମଧ୍ୟ ଗୁରୁତ୍ୱ ଦେଲେ । ୧୭୮୫ ବେଳକୁ ସ୍ପେନ୍, ପୋଲାଣ୍ଡ, ଆମେରିକାରେ ଜନ୍ମଦିନ କେକ୍‌ର ଆଦର ବଢ଼ିଲା । ସେତେବେଳେ କେକ୍ କିଣିବା ଥିଲା ଆଭିଜାତ୍ୟର ପରିଚୟ । ମହଙ୍ଗା ସାମଗ୍ରୀ ଯେପରି ଅଲିଭ ତେଲ, ବଟର, ଡ୍ରାଏଫ୍ରୁଟସ୍ ଇତ୍ୟାଦି ମିଶ୍ରଣରେ ପ୍ରସ୍ତୁତ ହେଉଥିବା କେକ୍‌କୁ କେବଳ ଧନିକବର୍ଗର ଲୋକ ନିଜ ପିଲାଙ୍କ ଜନ୍ମଦିନରେ କିଣୁଥିଲେ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଆଶାର ଆଲୋକ...

ସମ୍ପ୍ରତି ବିଶ୍ୱ ତଥା ଦେଶ କରୋନା ସଂକ୍ରମଣରୁ କ୍ରମଶଃ ମୁକୁଳିବାର ପ୍ରୟାସ କରୁଥିବା ବେଳେ ଅଧିକରୁ ଅଧିକ ସାଧାରଣ ଜୀବନଯାତ୍ରା ପୁରୁଣା ଗୁଳାକୁ ଫେରିବାରେ ଲାଗିଛି । ବିଦ୍ୟାଳୟଠାରୁ ଉଚ୍ଚ ଶିକ୍ଷାଳୟଯାଏଁ ଖୋଲାଯିବା ଏବଂ କଳକାରଖାନା ପୂରାମାତ୍ରାରେ ନହେଲେ ସୁଦ୍ଧା କେତେକାଂଶରେ ଗହଳଚହଳ ଆରମ୍ଭ ହେବାର ଆଭାସ ମିଳିଲାଣି । ସଂକ୍ରମଣର ମାତ୍ରା ଶିଖର ଛୁଇଁବା ବେଳକୁ ସୁଦ୍ଧା ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ହେଲା, ଅଯୋଧ୍ୟାରେ ଶ୍ରୀରାମଚନ୍ଦ୍ର ଜନ୍ମଭୂମି ଭାବେ ଚିହ୍ନିତ ସ୍ଥାନରେ ମନ୍ଦିରର ଭୂମିପୂଜନ ହେଲା । ଦେଶର କେତେକ ରାଜ୍ୟରେ ମଧ୍ୟ ବିଧାନସଭା ନିର୍ବାଚନ ହୋଇ ସରକାର ଗଠିତ ହୋଇପାରିଲା । ଏହି ପ୍ରକ୍ରିୟା ଯେ ପୂରାମାତ୍ରାରେ ନିର୍ବିଘ୍ନରେ ସମାପିତ ହେଲା, ତାହା କୁହାଯାଇପାରିବ ନାହିଁ । ମାତ୍ର କୋଭିଡ-୧୯ର ପରାକ୍ରମକୁ ପ୍ରତିହତ କରାଯାଇ କିଭଳି ଜନଜୀବନକୁ ସ୍ୱାଭାବିକ ଗୁଳାକୁ ଅଣାଯାଇପାରିବ ପ୍ରୟାସ ହେଲା, ତାହା ଉପସ୍ଥିତ ସମୟର ସବୁଠାରୁ ଶକ୍ତ ଆହ୍ୱାନ ବୋଲି କୁହାଯାଇପାରିବ । ଆମ ଦେଶର ଗଣତନ୍ତ୍ରର ଶୀର୍ଷ ପୀଠ ରୂପେ ପରିଗଣିତ ସଂସଦର ସାମୟିକ ଅଧିବେଶନ ବସିଥିଲା । କେନ୍ଦ୍ର ସରକାର ଗୁରୁତ୍ୱପୂର୍ଣ୍ଣ ତିନୋଟି କୃଷି ବିଲ୍ ପାରିତ କରିପାରିଲେ । କେଉଁ କାରଣରୁ ସରକାର ତିନୋଟି ବିଲ୍ ପାରିତ କରିବାରେ ବ୍ୟଗ୍ରତା ପ୍ରକାଶ କଲେ, ତାହା ନେଇ ବିବାଦର ଝଡ଼ ସୃଷ୍ଟି ହୋଇଥିଲା ଏବଂ ପବିତ୍ର ଜନରାଜ୍ୟ ଦିବସରେ ଯେମିତି ଅଭାବନୀୟ ସ୍ଥିତି ସୃଷ୍ଟି ହେଲା, ତାହା ସମସ୍ତଙ୍କର ମଥାକୁ ଲଜ୍ଜାରେ ତଳକୁ କରିଦେଲା । ଅତ୍ୟନ୍ତ ଅସ୍ୱାଭାବିକ୍ ବାତାବରଣ ମଧ୍ୟରେ ସଂସଦର ବଜେଟ୍ ଅଧିବେଶନ ଆରମ୍ଭ ହୋଇଛି । ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ମହତ୍ୱପୂର୍ଣ୍ଣ ଉଦ୍‌ଘାଟନୀ ଉଦ୍‌ବୋଧନ ସହିତ ଆରମ୍ଭ ହୋଇଥିବା ଅଧିବେଶନକୁ ସତରରୁ ଅଧିକ ବିରୋଧୀ ଦଳ ବର୍ଜନ କରିଛନ୍ତି । ଯେଉଁ କାରଣରୁ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ବର୍ଜନ କରାଯାଇଛି, ତାହା ନେଇ ଚର୍ଚ୍ଚାର କ୍ଷେତ୍ର ଅଲଗା । କରୋନା ଦ୍ୱାରା ପ୍ରତିକୂଳ ଭାବେ କ୍ଷତିଗ୍ରସ୍ତ ଅର୍ଥନୀତି କୁହନ୍ତୁ କି' ସାମାଜିକ ବ୍ୟବସ୍ଥାକୁ ସଜାଡ଼ିବାରେ କେଉଁଭଳି ପଦକ୍ଷେପ ନିଆଯାଇପାରିବ, ତାହାକୁ କେବଳ ସରକାରଙ୍କ ବିଚାର ପାଇଁ ଛାଡ଼ିଦେଇଥିବା ବିପକ୍ଷ ଶିବିର ହୁଏତ ସଂସଦ ବୈଠକ ବର୍ଜନ କରାଯିବା ନିଷ୍ପତ୍ତି ବ୍ୟତୀତ ଅନ୍ୟ ବିକଳ୍ପ ନେଇଥିଲେ ଠିକ୍ ହୋଇଥାନ୍ତା ବୋଲି ଏକ ମହଲ ମତ ଦେଇଛନ୍ତି । କିନ୍ତୁ ସାମଗ୍ରିକ ଦୃଷ୍ଟିରୁ ଦେଖାଗଲେ ଏଥର ଟାଣଟୁଣ ଅବସ୍ଥା ଦେଇ ଗତି କରୁଥିବା ଆର୍ଥିକ ସ୍ଥିତି ସମ୍ଭାଳିବା ଓ ସଜାଡ଼ିବା ପାଇଁ କେନ୍ଦ୍ର ସରକାରଙ୍କୁ ବିଶେଷରେ ଅର୍ଥ ମନ୍ତ୍ରଣାଳୟକୁ ଯଥେଷ୍ଟ କସରତ୍ କରିବାକୁ ପଡ଼ିବା ନିଶ୍ଚିତ । କେନ୍ଦ୍ର ବଜେଟ୍ ଅଣାଯିବା ପୂର୍ବରୁ ବିଭିନ୍ନ ମହଲ ସହ ଯେଉଁ ବିଚାର ବିମର୍ଶ ପ୍ରକ୍ରିୟା ହୋଇଥିଲା, ସେଥିରୁ ଦେଖାଯାଉଛି କି, ଗୋଟିଏ ଦୁଇଟି କ୍ଷେତ୍ର ନୁହେଁ, ପ୍ରାୟ ଅଧିକାଂଶ ବିଭାଗ ବା ସେକ୍ଟରରେ ଅପେକ୍ଷା ବା ପ୍ରତ୍ୟାଶା ପରିମାଣ ବଢ଼ିଯାଇଛି । ତୈଳ, ନିର୍ମାଣ ଉଦ୍ୟୋଗଠାରୁ ଆରମ୍ଭ କରି କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା ଭଳି ବିଭାଗ କରୋନା ସଂକ୍ରମଣ ହେତୁ ବ୍ୟାପକ ପ୍ରଭାବିତ ହୋଇଥିବାରୁ ତଦ୍‌ଜନିତ କ୍ଷତି ଭରଣା ପାଇଁ ବିକଳ ଅବସ୍ଥାରେ ଚାହିଁ ରହିଛନ୍ତି ବୋଲି କୁହାଯାଇପାରିବ । ସ୍ୱାସ୍ଥ୍ୟ ବିଭାଗ ଏମିତିରେ ଅଥିକ ପାଣ୍ଠିର ବରାଦ ଅପେକ୍ଷାରେ ଥିଲା । ଏବେ କରୋନାଜନିତ ସ୍ଥିତି ଏହି ବିଭାଗକୁ ଅଧିକ ବିକଳ ଅବସ୍ଥାକୁ ନେଇଆସିଛି । ପ୍ରତିଷେଧକ ଟିକାର ବିକାଶ ଓ ବିପଣନ ପ୍ରକ୍ରିୟା ଭିତରେ ବ୍ୟୟଭାର ଯଥେଷ୍ଟ ବଢ଼ିଯାଇଛି । କିଭଳି ଭାବରେ ବିଭାଗୀୟ ବଜେଟ୍ ଆକାର ବଢ଼ାଯାଇପାରିବ, ତାହା କର୍ତ୍ତୃପକ୍ଷଙ୍କ ମୁଣ୍ଡବ୍ୟଥାର କାରଣ ହୋଇଥିବ । ବିଶ୍ୱ ମୁଦ୍ରା ପାଣ୍ଠି ହେଉ କି' ବ୍ୟାଙ୍କ ସମସ୍ତ ଆର୍ଥିକ ସଂସ୍ଥା ରୀତିମତ ଦେବାଳିଆ ପ୍ରାୟ ହୋଇ ରହିଛନ୍ତି । ବିଶ୍ୱର ୨୧୯ଟି କରୋନା ସଂକ୍ରମଣ ବିକାଶଶୀଳ, ବିକଶିତ ସମସ୍ତଙ୍କ ପାଇଁ ବିଷମ ସ୍ଥିତିକୁ ଡାକି ଆଣିଛି । କିଭଳି ସମସ୍ତଙ୍କ ଦୁଃସ୍ଥିତିକୁ ଟଳାଯାଇପାରିବ, ତାହା ଚିନ୍ତାଜନକ ବ୍ୟାପାର ହୋଇଛି । ଆମେରିକା, ବ୍ରିଟେନଠାରୁ ଆରମ୍ଭ କରି ଛୋଟବଡ଼ ଦେଶ ସମସ୍ୟା ଭିତର ଦେଇ ଗତି କରୁଥିବା ସମୟରେ ଆମ ଭଳି ଦେଶ ନୂତନ ପରିସ୍ଥିତିର ମୁକାବିଲା କରିବା ନେଇ ଆଗାମୀ କେନ୍ଦ୍ର ବଜେଟରେ ଝଲକ ଦେଖିବାକୁ ମିଳିପାରେ ବୋଲି ଆଶା କରାଯାଏ । ଆମ ଭଳି କରୋନା ଲଢ଼େଇରେ ଆଗରେ ଥିବା ରାଜ୍ୟର ବଜେଟ୍‌ର ରୂପରେଖ ନେଇ ବହୁ କିଛି ଟାଣଟୁଣ ଅବସ୍ଥା ଦେଖାଦେବା ଥୟ ।

ଆଶାର ଆଲୋକ..

କଣ୍ଟୁରୀ ଚରଣ ରାଉତ

ପ୍ରତାରଣା ବିଷ ପାନକରି ତୁମେ
ହୋଇଲଣି ନୀଳକଣ୍ଠ
ଦୁଶ୍ଚିନ୍ତା,ଦୁର୍ଦ୍ଦିନ ସହଚରଗଣ
ଦେଲେଣି ଦୁଃଖ ଆକଣ୍ଠ ।

ସହିସହି ଦୁଃଖ ଛାତି ଭିତରଟା
ଯାଇଛି ହୋଇ ପଥର
ଦୁଃଖ ପରେ ସୁଖ ବିଧିର ବିଧାନ
ବିଧାତାର ଖେଳଘର ।

ଅପସରି ଯିବ ଅମା ଅନ୍ଧକାର
ଅପସରି ଯିବ ଦୁଃଖ
ବହିବନି ଆଉ କାଳ ବଇଶାଖୀ
ହରିବନି ଆଉ ସୁଖ ।

ଜୀବନ ନଉକା ମଝି ଦରିଆରେ
ହେବନାହିଁ ଟଳମଳ
କୋହଲା ପବନ ଦେହକୁ ତୁମର
କରିବନି ଝାଳନାଳ ।

ଥୁଣ୍ଟାଗଛ ପରି ଜୀବନ ତୁମର
ଝାଉଁଳି ଯିବନି ଆଉ
ବିଚ୍ଛେଦ ଯନ୍ତ୍ରଣା ହୃଦୟକୁ ତୁମ
ଜାଳିବନି ଦାଉଦାଉ ।

ଥାକଥାକ ହୋଇ ସ୍ୱପ୍ନର କଅଁଳ
ପତର ଉଠିବ ଫୁଟି
ରଙ୍ଗବେରଙ୍ଗର ଫୁଲ ସବୁ ଫୁଟି
ମହକ ଯିବ ତା' ଛୁଟି ।

ଜୀବନ ଆକାଶୁ ଅମା ଅନ୍ଧକାର
ସରିସରି ଯିବ ଧୀରେ
ତାରା ଫୁଟିଥିବ ଜହ୍ନ ହସୁଥିବ
ଫୁଟାଇ ଓଠ ହସରେ । ଞ୍ଚଞ୍ଚଞ୍ଚ

+ମକୁନ୍ଦପୁର,ବାଙ୍କି,କଟକ
ମୋ.୮୯୧୭୩୯୭୩୪୮

ଅହଂଭାବ

ପଙ୍କଜ କୁମାର ପାଣିଗ୍ରାହୀ

କୌଣସି ସାମାଜିକ ମାନ୍ୟତାରେ କିଛି ପରିବର୍ତ୍ତନ ଅନୁଭବ କରିବାରେ ନିଜ ତଳେ ରହିଥିବା ମଣିଷଙ୍କ ପାଖରେ ଅହଂଭାବ ପ୍ରଦର୍ଶନ କରିବା ସାଧାରଣ ମଣିଷର ଗୋଟିଏ ଜନ୍ମଗତ ଚରିତ୍ର !

ସେହି ଅହଂଭାବ ଜଣେ ମଣିଷକୁ ଉପରକୁ ନେଇଥାଏ ନା ନୀଚ କରିଦିଏ ବୁଝିବା କ୍ଷମତା ବହିର୍ଭୂତ ମଣିଷର ବାସ୍ତବତା କ'ଣ...?!

ଅହଂଭାବ ରଖିବା ଅର୍ଥାତ ନିଜକୁ ନିଜେ ଠକିବା ! କେମିତି... ? ଉତ୍ତର ବିହୀନ ମଣିଷ ଆଲେଖ୍ୟଟି ସହଜରେ ହଜମ ନକରିପାରିଲେ ମଧ୍ୟ ନିଜର ଦୃଷ୍ଟିକୋଣ ପରିବର୍ତ୍ତନ କରି ଦେଖିଲେ ହୁଏତ କିଛି ସଚେତନତା ସୃଷ୍ଟି ହୋଇପାରେ ମନରେ ଯାହା ନିଜର ଭାବଧାରାକୁ ଆଂଶିକ ପ୍ରଭାବିତ କରି ଚରିତ୍ରିକ ଶୁଧାର ଆଣିପାରିବ ବୋଲି ଆମର ଆଶା । ଷଡ଼ରିପୁ ଗୁଡିକ ମଣିଷକୁ ବିଭିନ୍ନ ଦିଗରେ ମାନବୀୟତାରୁ ଦୁରେଇ ରଖି ନିଜର ଚରିତ୍ର ସଂହାରରେ ସହାୟକ ହେଉଥିବା ବେଳେ ଅହଂଭାବ ଏମିତି ଏକ ଚରିତ୍ର ଯାହା ମଣିଷର ଦୂରଦୃଷ୍ଟିକୁ କ୍ଷୀଣ କରି ଗୋଟିଏ ସୀମାରେଖା ମଧ୍ୟରେ ରଖିଦିଏ । କାରଣ କୌଣସି ପ୍ରାପ୍ତ ବସ୍ତୁ ହେଉକି ବିଷୟକୁ ନେଇ ମଣିଷ ମନରେ ଯଦି ଅହଂଭାବ ସୃଷ୍ଟି ହୋଇଥାଏ ସେହି ନିର୍ଦ୍ଦିଷ୍ଟତା ମଧ୍ୟରେ ସୀମିତ ରହିଯାଏ ତାହାର ଦୂରଦୃଷ୍ଟି ! ଅଧିକ ଆଉ ଉପରକୁ ଯିବାପାଇଁ ଅନ୍ଦାଜ଼ ନହୋଇ କେବଳ ସୀମିତ ପରିଧି ମଧ୍ୟରେ ସମ୍ପୃକ୍ତ ମଣିଷର ଭାବଧାରା ଘୁରିବୁଲୁଥାଏ ଯାହା ତା'ର ଦୂରଦୃଷ୍ଟିକୁ ବାଧିତ କରିଥାଏ । ନିଜର କ୍ଷମତା ପରିସରକୁ ହିଁ ସର୍ବଶ୍ରେଷ୍ଠ ମନେକରି ନିମ୍ନସ୍ଥଙ୍କୁ ଦୁର୍ବ୍ୟବହାର କରି ପଛରେ ସେମାନଙ୍କ ଦ୍ୱାରା ଘୃଣିତ ହେଉଥିବା ଆକଳନ ବହିର୍ଭୂତ ହୋଇଥାଏ ସମ୍ପୃକ୍ତ ଅହଂକାରିଙ୍କର ।

କଥାରେ ଅଛି ଦରିଦ୍ର ଯେବେ ଧନ ପାଇ, ପ୍ରାଣଠୁ ବଳି ସମ୍ଭାଳଇ ! ଅର୍ଥାତ ଦରିଦ୍ର ଲୋକଟିଏ ଧନ ପ୍ରତି ଯେତେ ପ୍ରଗାଢ଼ ଆସକ୍ତି ରଖିଥାଏ, ଯଦି କୌଣସି ସୂତ୍ରରୁ ପ୍ରାପ୍ୟ ହୁଏ ତାହେଲେ ସେହି ଧନକୁ ନିଜ ପ୍ରାଣଠାରୁ ବଳି ଭଲ ପାଏ ଏବଂ ତାହାର ସୁରକ୍ଷା କରେ । ଅନୁରୂପ ଅଶୃଜନ କୌଣସି ବିଷୟରେ ବାହ୍ୟ ଅନୁଭୂତି ପାଇବା ପରେ ନପରଖୀ ସେଇଟାହିଁ ସଂସାରର ସର୍ବଶ୍ରେଷ୍ଠ ବୋଲି ବିଚାରି ଅନ୍ୟକୁ ପ୍ରଦର୍ଶନ କରିଥାଏ ଯାହାର ପ୍ରତିଫଳନ ସ୍ୱରୂପ ଅହଂଭାବ ସୃଷ୍ଟି ହୋଇଥାଏ ତାହା ମନରେ । ପୁନର୍ବାର ସେହି ଅହଂଭାବ ସମ୍ପୃକ୍ତ ମଣିଷର ହିତାହିତ ଜ୍ଞାନ ଶୂନ୍ୟ କରି ସମାଜରେ କୌଣସି ପ୍ରତିଷ୍ଠା ସୃଷ୍ଟି କରିବାରେ ସହାୟକ ହୋଇନଥାଏ ! କାରଣ ନିଜସ୍ୱ ସୃଜନଶୀଳତାରେ ପରୀକ୍ଷିତ ବିଷୟକୁ ଉପସ୍ଥାପନା କରିବା ଏବଂ କୌଣସି ଉତ୍ସରୁ ଆହରଣ କରିଥିବା ଅନୁଭୂତି ମଧ୍ୟରେ ରହିଥିବା ପ୍ରଭେଦକୁ ଆକଳନ କରିବା କ୍ଷମତା ନଥାଏ ଅହଂକାରିଙ୍କର । ତେଣୁ ଅଶୃଜନ ବାହ୍ୟ ଉତ୍ସରୁ ଆହରଣ କରିଥିବା ଅନୁଭୂତିର ସତ୍ୟାସତ୍ୟ ବୁଝିବା କ୍ଷମତା ରଖିନଥା'ନ୍ତି । ଇତି ମଧ୍ୟରେ ସମ୍ପୃକ୍ତ ଅନୁଭୂତି କୌଣସି ସତ୍ୟ ଉପରେ ଆଧାରିତ କିମ୍ବା ଅସତ୍ୟ ତାକୁ ପରଖି ଗ୍ରହଣ କରିବା ବିପରୀତେ ଅନ୍ଧ ଭଳି ତା'କୁହିଁ ସତ୍ୟ ବୋଲି ମାନିନେଉଥିବା ମଣିଷର ଭାବଧାରରେ ଅହଂକାର ଜାଗ୍ରତ ହେଉଥିବା ଗୋଟିଏ ସାଧାରଣ ଲକ୍ଷଣ । ତେଣୁ ଅହଂକାରୀ ନିଜକୁ ନିଜେ ଠକେ କେମିତି ପରଖି ଦେଖିଲେ ଜାଣିହେବ ଯେ.....

କାହାଦ୍ୱାରା ଲିଖିତ ପୁସ୍ତକ ହେଉ କିମ୍ବା କୌଣସି ପ୍ରଦତ୍ତ ସୂଚନାରେ କେତେଦୂର ସତ୍ୟାସତ୍ୟ ରହିଥାଏ ଏବଂ ସେଗୁଡିକ କେତେଦୂର ସତ୍ୟ ଉପରେ ଆଧାରିତ ସେସବୁ ତର୍ଜମା / ଅନୁଶୀଳନ କରି ଗ୍ରହଣ କରିବା ମଣିଷ, ଖୋଜିଲେ ମିଳିବେକି ନାହିଁ ସନ୍ଦେହ ! ଏହା ସତ୍ୟଯେ ପ୍ରାୟତଃ ସମସ୍ତ ମଣିଷ ସମାଜରେ ପ୍ରବାହିତ ଭାବଧାରା ଗୁଡିକୁ ଅନୁକରଣ କରି ନିଜର ଅନୁଭୂତି ବୃଦ୍ଧି କରିଥା'ନ୍ତି । ପୁସ୍ତକରୁ ଯେଉଁସବୁ ଜ୍ଞାନ ମିଳିଥାଏ ତାହାଠାରୁ ଯଥେଷ୍ଟ ଅଧିକ ନିର୍ଭର କରିଥା'ନ୍ତି ସାମାଜିକ ଅନୁଭୂତି ପ୍ରବାହ ମାଧ୍ୟମ ଗୁଡିକ ଉପରେ । ଏବଂ ବିଭିନ୍ନ ମାଧ୍ୟମରୁ ସଂଗୃହିତ ଅନୁଭୂତିକୁ ସତ୍ୟ ଏବଂ ନିଶ୍ଚିତ ବୋଲି ଧରିନେଇଥା'ନ୍ତି ସାଧାରଣ ସବୁ ମଣିଷ । ଅତଏବ ବିଭିନ୍ନ ଲେଖା ତଥା ଗଣମାଧ୍ୟମ ଗୁଡିକରେ ପ୍ରଚାରିତ / ପ୍ରସାରିତ ଅନେକ କଥାକୁ ସହଜରେ ଗ୍ରହଣ କରି ନିଜର ଜ୍ଞାନ ବୃଦ୍ଧି ହେବାଭଳି ଅନୁଭୂତି ରହିଥାଏ ପ୍ରାୟ ସମସ୍ତଙ୍କର । ସେହି ପ୍ରଚାରିତ / ପ୍ରସାରିତ ମାଧ୍ୟମ ଗୁଡିକରେ କିଏ କ'ଣ କହିଥାଏ ଅଥବା ଲେଖିଥାଏ ତାହାର କୌଣସି ନିୟନ୍ତ୍ରଣ କିମ୍ବା ଅନୁଶୀଳନ ବିଶେଷାଙ୍କର ନିର୍ଦ୍ଧାରିତ ନିୟାମକ ନଥାଇ ବ୍ୟାପକ ହେଉଥିବା ବିଷୟ ସମସ୍ତଙ୍କୁ ଜଣା । ତେଣୁ ସେହି ମାଧ୍ୟମ ଗୁଡିକ ଉପରେ ନିର୍ଭରଶୀଳ ମଣିଷଙ୍କୁ ମିଥ୍ୟା ତଥ୍ୟ ଦେଇ ଚତୁର କେଳେଙ୍କାରୀ ମଣିଷ ଗୁଡିଏ ଅନେକ ନିଜସ୍ୱ ସ୍ୱାର୍ଥ ହାସଲ କରୁଥିବାବେଳେ ଏହି ସଂଖ୍ୟା ଗରିଷ୍ଠ ଅଶୃଜନ ସେହି ଅବାସ୍ତବ, ମିଥ୍ୟା ତଥ୍ୟ ଗୁଡିକୁ ନେଇ ନିଜର ଜ୍ଞାନ ଉଦୟ ହେବାଭଳି ଅନୁଭବ କରି ଅଜସ୍ର କ୍ଷତିରେ ପଡୁଥିବାବେଳେ ପୁନର୍ବାର ଅହଂଭାବ ସୃଷ୍ଟିକରି ଆହୁରି ଅଜ୍ଞାନ କରିଥା'ନ୍ତି ନିଜକୁ । ଅର୍ଥାତ ଯେଉଁସବୁ ବିଷୟ ଗୁଡିକୁ ସାଧାରଣ ଲୋକେ ଜ୍ଞାନ ବୋଲି ଗ୍ରହଣ କରିଥା'ନ୍ତି ସେଇଥିରେ ରହିଥିବା ସତ୍ୟ ଏବଂ ମିଥ୍ୟାର ଆନୁପାତିକ ବ୍ୟବଚ୍ଛେଦ ନଥାଏ ସେମାନଙ୍କ ପାଖରେ । ତଥାପି କୌଣସି ବିପରୀତମୁଖୀ ମନ୍ତବ୍ୟକୁ ମଧ୍ୟ ଉତ୍ତମ ଜ୍ଞାନ ସଦୃଶ୍ୟ ଗ୍ରହଣ କରିବାକୁ ପଛାଇନଥା'ନ୍ତି ଅଶୃଜନ । ପୁନର୍ବାର ଅନେକ ମିଥ୍ୟାର ଆଧାରକୁ ନେଇ ନିଜର ଜ୍ଞାନ ଉଦୟ ହେବାଭଳି ଅନୁଭବ ସାଙ୍ଗକୁ ସେଗୁଡିକର ଉପସ୍ଥାପନା ସହିତ ନିଜର ଅହଂଭାବାପନ୍ନ ବିଚାରଧାରା ସେମାନଙ୍କୁ ପରୋକ୍ଷରେ ବ୍ୟାପକ ଠକାମିର ଶିକାର କରୁଥିଲେ ମଧ୍ୟ ସେଗୁଡିକ ସେମାନଙ୍କ ଭାବବହିର୍ଭୂତ ବିଷୟ ହୋଇଥାଏ । କାରଣ ଅହଂକାରୀ ସବୁବେଳେ ମିଥ୍ୟା କଥା ପ୍ରତି ଆସକ୍ତ ହେଉଥିବା ଜାଣନ୍ତି ଚତୁର କେଳେଙ୍କାରୀ । ତେଣୁ ସେମାନଙ୍କୁ ବିଭିନ୍ନ ମିଥ୍ୟା କଥାର ନାରାଦେଇ ସତ୍ୟକୁ ଆଡୁଆଳରେ ରଖି ସେମାନଙ୍କ ମନକୁ ଏତେ ସତେଜ କରିଦିଅନ୍ତିଯେ ଅହଂକାରୀ ଅଶୃଜନ ବ୍ୟକ୍ତି ସେହି ମିଥ୍ୟା କଥାରେ ପଡି ନିଜେ ଠକି ହେଉଥିବାବେଳେ ସମାଜରେ ମଧ୍ୟ ସେହି ମିଥ୍ୟାକୁ ବାଣ୍ଟି ନିଜର କୃତିତ୍ୱ ହାସଲରେ ଲାଗିପଡିଥା'ନ୍ତି । ଇତିମଧ୍ୟରେ ସେମାନେ ଅନେକ ମିଥ୍ୟା ଭିତ୍ତିହୀନ କଥାକୁ ନେଇ ଅନ୍ୟର ପ୍ରରୋଚନାରେ ପଡି ଠକିହେଉଥିବା ବିଷୟ ଆଦୌ ମନକୁ ନେଇନଥା'ନ୍ତି ।

ସୃଜନ କୌଣସି ବିଷୟକୁ ଅଚିରେ ଗ୍ରହଣ କରିବା ପୂର୍ବରୁ ପ୍ରଥମେ ସମ୍ପୃକ୍ତ ବିଷୟଟିର ସର୍ବଦିଗ ପରଖି ସତ୍ୟର ଅନୁସନ୍ଧାନ ପାଇବା ପରେହିଁ ଗ୍ରହଣ କରିଥା'ନ୍ତି । ଅଶୃଜନଙ୍କ ବ୍ୟକ୍ତିଗତ ବିଚାରଶୀଳତା ଅଭାବରୁ ନିଜକୁ ଦେଖାଣିଆ ଭାବ ବହନ କରି କିଛି ଜାଣିନଥାଇ ସବୁ ଜାଣିଲା ଭଳି ଅଭିନୟ କରିଥା'ନ୍ତି । ତେଣୁ ସାଧାରଣ ଲୋକଙ୍କ ସେହି ଅଶୃଜନତାର ସୁଯୋଗ ନେଇ ଆଜିସମୟରେ ଆଶାତୀତ ମିଥ୍ୟା, ପ୍ରତାରଣାପୂର୍ଣ୍ଣ ମନ୍ତବ୍ୟ ଦେବାରେ କୌଣସି ବାଧକତା ନଥାଇ ବରଂ ସମସ୍ତେ ଗୋଟିଏ ବାଟର ବାଟୋଇ ହୋଇ କେବଳ ଅହଂଭାବ ପ୍ରଦର୍ଶନ ପୂର୍ବକ ନିଜକୁ ବ୍ୟାପକ ଅମାନବୀୟତାରେ ଜୀବନ ବଂଚୁଥିବା ଦେଖିବାକୁ ମିଳୁଛି ସର୍ବତ୍ର । ଯେତେବେଳ ପର୍ଯ୍ୟନ୍ତ ସତ୍ୟର ଉନ୍ମୋଚନ କରିବା ଶିଖିନାହିଁ ମଣିଷ ସେତେବଳ ଯାଏଁ କେବଳ ମିଥ୍ୟା ଜ୍ଞାନକୁ ଅନୁସରଣ, ଅନୁକରଣ କରି ନିଜକୁ ନିଜେ ସତ୍ୟରୁ ବାଦଦେଇ ଠକାମିର ଶିକାର ହେଉଥିବାରୁ କେହି ଉଦ୍ଧାର କରିପାରିବେ ନାହିଁ । ତେଣୁ ଆଜିସମୟର ଯେକୌଣସି ମତବାଦ ଗୁଡିକୁ ଅଚିରେ ଗ୍ରହଣ ନକରି ଭିନ୍ନ ଏକ ଦୃଷ୍ଟିରେ ତର୍ଜମା କରିବା ପରେ ଗ୍ରହଣ କଲେହିଁ ନିଜର ସୃଜନଶୀଳତା ବୃଦ୍ଧି ପାଇବ ଏବଂ ସାଧାରଣ ମଣିଷ ସତ୍ୟର ଅନୁସନ୍ଧାନ ପାଇବା ପରେ ନିଜେହିଁ ଅହଂଭାବରୁ ଦୁରେଇ ରହିପାରିବ ବୋଲି ଆମର ବିଚାରରେ ଆପଣଙ୍କ ଭାବଧାରା ବ୍ୟକ୍ତ କରିବେ ବୋଲି ଆଶା !

ଧନ୍ୟବାଦ

+ସୋସିଆଲ ଫୋରମ
(ଭାରତ)
ଛତ୍ରପୁର, ଗାମ.
ଦୂରଭାଷ.: ୯୪୩୭୩୨୪୯୧୭

ସଂକ୍ଷିପ୍ତ ରାମାୟଣ

ଶଙ୍କର ଚରଣ ରାଉତ

ଶ୍ରୀ ଶଙ୍କର ଚରଣ ରାଉତ ଏକାଧାରାରେ ଜଣେ କବି ଓ ଲେଖକ । ଉତ୍କଳ ସମ୍ମିଳନି ଓ ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭ୍ୟ । ଭାଗବତଗୀତାରେ ପତ୍ର ମାଧ୍ୟମରେ ପଢ଼ି ସାର୍ଟିଫିକେଟ୍ ପାଇବାରେ ଯୋଗ୍ୟ ବ୍ୟକ୍ତି । ଧର୍ମ ବିଷୟରେ ସେ ଦଶଖଣ୍ଡ ପୁସ୍ତକ ରଚନା କରି ପରିଚିତ ହୋଇପାରିଛନ୍ତି । ରାମଚରିତ ମାନସ ଓ ଭାଗବତ ପ୍ରବଚନର ସେ ଜଣେ ପ୍ରବକ୍ତା ।

ଏହି ସଂକ୍ଷିପ୍ତ ରାମାୟଣକୁ ସେ ବୃହତ୍ ଆକାରରେ ବହୁ ପୂର୍ବରୁ ଲେଖିଥିଲେ । ଯାହାକି ତତ୍‌କାଳିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଥିଲା । ବର୍ତ୍ତମାନ ସଂକ୍ଷିପ୍ତ ଆକାରରେ ତାହା ପ୍ରକାଶିତ ହେଉଛି ।

ଭାଗ -୨ ॥ ଯୁଗ ॥

ପ୍ରଭୁ ଇଚ୍ଛାମୟ । ତାଙ୍କରି ଇଚ୍ଛାରେ ବହୁ ସାଧୁସନ୍ତ ଜଗତରେ ସଦ୍‌ଗୁରୁ ରୂପେ ଜନ୍ମଗ୍ରହଣ କରି ଭକ୍ତ ମାନଙ୍କୁ ଅନୁଗୃହୀତ କରିଥାନ୍ତି ।

ଅନୁଗ୍ରହାୟ ଭକ୍ତାନାଂ ମାନୁଷ ଦେହ ମିଶ୍ରିତଃ
ଭଜତେ ତାଦୃଶୀଃ କ୍ରୀଡା ଯାଃ ଶ୍ରୁତ୍ୱା ତତ୍ପରେ ଭବତେ,
॥ ଭା ୧୦ମ ଶ୍ଳୋକ ॥

ପ୍ରଭୁ ସର୍ବଶକ୍ତିମାନ ଓ ସର୍ବବ୍ୟାପକ । ଯେତେବେଳେ ଯେଉଁ ଶକ୍ତିର ଆବଶ୍ୟକ ହୁଏ-ସେ ତାଙ୍କ ଅଂଶରୁ ସେହି ଶକ୍ତି ନେଇ ସଂସାରରେ ନାଟକର ବା ଅବତାରୀ ଭାବରେ ପ୍ରକଟ କରାଇଥାନ୍ତି । ସେ ସଂସାରର ନାଟକର ଡାଇରେକ୍ଟର ଭାବରେ ନିର୍ଦ୍ଦେଶ ଦିଅନ୍ତି ମାତ୍ର ଅଭିନୟ କରନ୍ତି ନାହିଁ ।

(ଋକ୍ ବେଦ)

॥ କଳ୍ପ ଅନୁଯାୟୀ ଯୁଗ ୪ଟି
ସତ୍ୟ-ତ୍ରେତୟା-ଦ୍ୱାପର ଓ କଳି ॥

ସତ୍ୟଯୁଗ-୧୭୨୮୦୦୦ ବର୍ଷ । ମାନବର ପରମାୟୁ ୧ଲକ୍ଷ ବର୍ଷ । ଇଚ୍ଛା ମୃତ୍ୟୁ । ମଜ୍ଜାଗତ ପ୍ରାଣ । ଶରୀରର ଉଚ୍ଚତା ୨୧ ହାତ । ଭୋଜନପାତ୍ର ସୁବର୍ଣ୍ଣ । ଧର୍ମ ୪ ପାଦ । ତୀର୍ଥ-ପୁଷ୍କର । ଅବତାର-ମତ୍ସ୍ୟ-କୁର୍ମ-ବରାହ ନୃସିଂହ-ବାମନ ।

ହରିନାମ-ନାରାୟଣ ପରାବେଦା ନାରାୟଣ ପରାକ୍ଷରା-
ନାରାୟଣ ପରାମୁକ୍ତି ନାରାୟଣ ପରାଗତିଃ ॥

ତ୍ରେତୟା ଯୁଗ-୧୨୯୬୦୦ ବର୍ଷ । ଅସ

● ଧାରାବାହିକ ଆତ୍ମଜୀବନୀ ●

ଭାଗ-୨

ମୋ ସାହିତ୍ୟ ସାଧନା: ତିକ୍ତ ମଧୁର ଅନୁଭବ

ରମାକାନ୍ତ ବେହେରା

ଏହି ନାମରେ ଛୋଟ କବିତାଟିଏ ମଧ୍ୟ ଲେଖି ଉପନ୍ୟାସଟିର ପ୍ରାରମ୍ଭରେ ସଂଯୋଗ କଲି। ପିଲାଳିଆ ମନରେ ଆବୁଲ ତାବୁଲ ଯାହା ଲେଖିଲି ତାହା ପ୍ରକୃତରେ ପଠନ ଉପଯୋଗୀ କି ନୁହେଁ ଜାଣିବି କିମିତି ? ଜଣେ ଲେଖକ ବା ବୟସ୍କ ଜ୍ଞାନୀ ପଢ଼ିଲେ ସିନା, ମାତ୍ର ସେମିତି କାହାକୁ ଗାଁରେ ପାଇଲି ନାହିଁ।

ବଡ଼ ଚିନ୍ତାରେ ପଡ଼ିଲି, ଦିନେ ଆମ ଗାଁ ହାଟ ଉପରେ ଏକ ସଭାରେ ଏମ.ଏ. ଓହିଦ୍ ସୁନ୍ଦର ଭାଷଣ ଦେଉଥିଲେ, ଭାବିଲି ଏ ତ ଢ଼େଙ୍କାନାଳ କଲେଜର ଅଧ୍ୟାପକ, ପଣ୍ଡିତ ଲୋକ, ତାଙ୍କୁ ପାଣ୍ଡୁଲିପିଟି ଦେବି, ସେ ପଢ଼ି ଭୁଲ ତ୍ରୁଟି ଦେଖାଇ ଦେବେ। ତାଙ୍କ ଘରକୁ ଯାଇ ମୁଣ୍ଡିଆ ମାରି ପାଣ୍ଡୁଲିପିଟି ଧରାଇ ଦେଇ ସେଇ ଅନୁରୋଧ କଲି। ସେ ଖୁସିହେଲେ, ଆଗାମୀ ଦୁର୍ଗାପୂଜା ଛୁଟିରେ ଆସିଲେ ମତାମତ ଦେବେ କହି ରଖିଲେ।

ପୂଜାଛୁଟି ଆସିଲା, ସେ ବି ଆସିଲେ, ଭେଟିଲି, ଯାହା ଶୁଣିଲି ହତାଶରେ ମୁଣ୍ଡ ଘୂରିଗଲା। 'ମୁଁ ସେମିତି କିଛି ପାଣ୍ଡୁଲିପି ନେଇନାହିଁ, ତେଣୁ ପଢ଼ିବା ପ୍ରଶ୍ନ ଉଠୁନାହିଁ। ତୁମେ ଆଉ କାହାକୁ ଦେଇଥିବ, ଭୁଲ କହୁଛ'। ବଡ଼ ଲୋକଙ୍କୁ ଉତ୍ତର ନାହିଁ, ମୁଁ ଲୁହ ଛଳ ଛଳ ହେଲି - ସେ ସାନ୍ତ୍ୱନା ଦେଲେ - ତଥାପି ସେ ଖୋଜିବେ, ପୁଣି ଗ୍ରୀଷ୍ମ ଛୁଟିରେ ଫେରିଲେ କହିବେ।

ନୈରାଶ୍ୟ ମଧ୍ୟରେ ମିଞ୍ଜି ମିଞ୍ଜି ଆଶାବତୀ ଜଳାଇ ରଖିଲି। ଗ୍ରୀଷ୍ମଛୁଟିକୁ ସେ ଆସିଲେ - ଯାହା କହିଲେ ସେଥିରେ ଆଶାଦୀପଟି ସଂପୂର୍ଣ୍ଣ ଲିଭିଗଲା। ଓଃ ସେ ଯେ କି ସନ୍ତାପ ସେଦିନର ବାଲୁତ ବୟସରେ ସେ ଅକୁହା ବେଦନା ଆଜିବି ଛାତି ଥରାଇ ଦିଏ।

ପରିବାରର ଯନ୍ତ୍ରଣାତ ପୂର୍ବରୁ ଲେଖିଛି, ତା' ସହ ପରୀକ୍ଷା ମୁଣ୍ଡ ଉପରେ। ପ୍ରତିଦିନ ସ୍କୁଲ ଯିବା ଦୀର୍ଘ ପଥ ପରିକ୍ରମା, ବାପମାଙ୍କ ସେବା ସହ, ରନ୍ଧବଢ଼ା, ଲେଖିବି କେତେବେଳେ ? ଜାଣେନା କିମିତି କେତେବେଳେ ସେଇ ଦୁସ୍ଥିତି ମଧ୍ୟରେ କେତୋଟି କବିତା, ଗଳ୍ପ, ଇଂରାଜୀ ଲେଖା ଉତୁରିଛି।

ଏଇ ହେଲା ଆଦ୍ୟ ଜୀବନର ସାରସ୍ୱତ ସାଧନାର ସ୍ମୃତି।

ହଜିଲା ପୁତ୍ର ଫେରିବାର ଆଶା ମନରୁ ସଂପୂର୍ଣ୍ଣ ଲିଭି ଯାଇଥିଲେ ମଧ୍ୟ ବେଳେ ବେଳେ ବୁଢ଼ାବୟସରେ ପୁଅ ଫେରେ, ଠିକ୍ ସେହିପରି ଦୀର୍ଘ ଷାଠିଏ ବର୍ଷ ପରେ ହଜିଲା ପୁଅକୁ କୋଳରେ ଧରିବାର ଆନନ୍ଦ ଲାଭ କଲି ହଠାତ୍ 'ଜୀବନର ଘୂର୍ଣ୍ଣି'କୁ ଅପ୍ରତ୍ୟାଶିତ ଭାବେ ଫେରି ପାଇ,ସେ ଏକ ଅବିଶ୍ୱାସ ଚମତ୍କାର।

ଆଦ୍ୟ ଜୀବନର ସାହିତ୍ୟ ସାଧନା ଚିନ୍ତାକଲେ ମୁଁ ନିଜକୁ ପ୍ରଶ୍ନ କରେ, କିଏ ମୋତେ ସ୍ୱପ୍ନ ଦେଖିବା ଶିଖାଇଲା, ସାଧନା ଶିଖାଇଲା ଏବଂ କେତେବେଳେ ? ସମୟ କାହିଁ ? ଭଗବାନଙ୍କୁ ହେଉ, ସାହିତ୍ୟକୁ ହେଉ ସାଧନା ପାଇଁ ଧନ ପ୍ରାଚୁର୍ଯ୍ୟ ଯେତେ ଦରକାର ତାଠୁଁ ଅଧିକ ଦରକାର ସମୟ, ନିର୍ଝଞ୍ଝଟ ସମୟ, ଶାନ୍ତ ଓ ନିରୋଳା ବେଳା ଏବଂ ପରିବେଶ। ମୋଠୁ ଅଧିକ ଅଭାଗାବି ଖ୍ୟାତିମାନ ସାହିତ୍ୟିକ ହୋଇଛନ୍ତି। ଫକୀରମୋହନ ବାଲ୍ୟକାଳରୁ ପିତାମାତାଙ୍କୁ ହରାଇଥିଲେ, ରାଧାନାଥ ମା'ଙ୍କୁ ହରାଇଥିଲେ, ମେହେର ଏବଂ ଅନ୍ୟ ଅନେକ ଦୁର୍ଭାଗ୍ୟ ସହ ଲଢ଼ି ବଡ଼ ମଣିଷ ହୋଇଛନ୍ତି, ସେ ସବୁ ସାରସ୍ୱତ ସାଧକଙ୍କ ସହ ନିଜକୁ ତଉଲୁ ନାହିଁ, କିନ୍ତୁ ମୁଁ ଜାଣେନା ପିତାମାତାଙ୍କୁ ହରାଇ ନୁହେଁ, ସେମାନେ ଥାଇ ଯଦି ଦରିଦ୍ର ଅକ୍ଷମ ଅସୁସ୍ଥ ଥାନ୍ତି, ପୁତ୍ର ଶୋକ ସହ ବାତ, ପକ୍ଷାଘାତରେ ପଙ୍ଗୁ ହୋଇଥାନ୍ତି, ବାଲୁତ ବୟସରୁ ସେମାନଙ୍କ ସେବା ସହ ହାତରେ ଚଟୁ ଧରି ରାନ୍ଧିବାଢ଼ି ଖୁଆଇ ପଢ଼ିବା ପାଇଁ ଦୀର୍ଘ ୧୫ କି.ମି. ଯିବା ଆସିବା କରି ଘୋର ଦାରିଦ୍ର୍ୟର ନିପୀଡ଼ନରେ ସାମାନ୍ୟ କାକୁଡ଼ି ଗୋଟେ ଦିଟା ବିକି ଚାଉଳ କିଣିଛି, ଏଭଳି ଜୀବନ ଯନ୍ତ୍ରଣାରେ କିଏ ସାହିତ୍ୟ ସାଧନା କରିପାରିଛି, ସମୟ କେଉଁଠୁ ଆସିଲା, ମନରେ ଶାନ୍ତି କେଉଁଠୁ ଆସିଲା, ଭାବନା କେଉଁଠୁ ପାଇଲି - ଆଜିବି ଭାବି ପାରେନା।

ସର୍ଜନାକଳା ତ ସୂକ୍ଷ୍ମ ସାଧନା, ସେ ବା କେତେବେଳେ କିମିତି ମୋ ଚିନ୍ତା ଚେତନାରେ ଆସର ଜମେଇଲା ? ଆସିଲା କେଉଁଠୁ କିମିତି ? ବିଶେଷତଃ କିଶୋର ବୟସରେ, ମୁଁ ଏଯାଏଁ ବି କୂଳ କିନାରା ପାଏନା, କିନ୍ତୁ ଏହାହିଁ ତ ମୋ ଜୀବନରେ ଅନୁଭୂତ ସତ୍ୟ !

ଯନ୍ତ୍ରଣା ଜର୍ଜର ଆଦ୍ୟ ଜୀବନର ଦୁଃଖଦ ସ୍ମୃତି ହେଜିଲେ ଏ ପ୍ରଶ୍ନ ସ୍ୱତଃ ମନକୁ ଆସେ, ସ୍ମୃତିର ଆକାଶକୁ ଅନ୍ଧାର କରିଦିଏ, ତଥାପି ସେ ଅନ୍ଧାରି କାଳିମା ଭିତରୁ ଛାଇ ଆଲୁଅ ମୋ ଅନ୍ତରର ବନ୍ଧ କୋଠରୀକୁ କିପରି ପ୍ରବେଶ କଲା ଏବେବି ଭାବିଲେ ଆଶ୍ଚର୍ଯ୍ୟ ହୁଏଁ।

ମୋ ବଡ଼ ଭାଇଙ୍କ ଅକାଳ ବିୟୋଗ ଉପରେ ଲେଖିଥିବା 'ଅଗ୍ରଜ ବିୟୋଗେ' କବିତା। କବିତାଟି ଜୀବନର ଦ୍ୱିତୀୟ କବିତା, ମୋର 'ଯୌବନର ସଙ୍ଗୀତ' କବିତା ସଂକଳନରେ ସ୍ଥାନିତ, ଏତେ କମ୍ ବୟସରେ ଲେଖା କବିତା ସେଇ ବୟସରେ ଆଉ କିଏ ଲେଖିଛି ମୁଁ ଜାଣେନା, ଆଲୋଚକ ପ୍ରଫେସର ଡ. କୃଷ୍ଣଚରଣ ଭୂୟାଁ ମଧ୍ୟ ଏଇ ମର୍ମରେ ଲେଖିଛନ୍ତି। 'ଏକ କିଶୋର ପ୍ରାଣର ଏଭଳି ଅଶ୍ରୁସଜଳ ଶୋକଗୀତି ଏଇ ବୟସର ଆଉ କେଉଁ କବିଙ୍କ ପ୍ରାଣରୁ ଝରିଛି କି ନାହିଁ ଜଣା ନାହିଁ। - 'ମୁଗ୍ଧଅନୁଭବ'।

ଏ ପ୍ରସଙ୍ଗରେ ପୂର୍ବରୁ ଉଲ୍ଲେଖ କରିଛି ତା ୨୫-୫-୮୯ରେ ଉତ୍ତର ବାଲେଶ୍ୱରରେ ଘଟିଥିବା ଏକ ପ୍ରଳୟଙ୍କର ଝଡ଼ ତୋଫାନରେ ମୋର ଜନ୍ମମାଟି ଭୋଗରାଇର ପୁରାତନ ଚାଳଘରଟି ଧ୍ୱଂସ ହୋଇଥିଲା। ସେଥିରେ ସେ ଯାବତ୍ ଲେଖିଥିବା ମୋର ଅଧିକାଂଶ ଲେଖା ପଙ୍କ କାଦୁଅରେ ପୋତି ନଷ୍ଟ ହୋଇଥିଲା। ସେଥିରୁ ସୌଭାଗ୍ୟ କ୍ରମେ ମାତ୍ର କେତୋଟି ଅସ୍ପଷ୍ଟ ଲେଖା ଉଦ୍ଧାର କରି ଶୁଖାଇ ପୁନର୍ଲିଖନ କଲି।

ଏଠାରେ କେବଳ ମୋର ସ୍କୁଲ ଜୀବନର କେତୋଟି କବିତା ସମ୍ବନ୍ଧରେ ଉଲ୍ଲେଖ କରୁଛି। ପ୍ରତି ଲେଖା ତଳେ ମୁଁ ତାରିଖ ଓ ସ୍ଥାନ ଉଲ୍ଲେଖ କରିଥାଏଁ। ୧୯୫୭ରେ ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ଲେଖିଥିବା କବିତା ମଧ୍ୟରୁ ମାତ୍ର ଚାରୋଟି କବିତା ଉଦ୍ଧାର ପାଇଥିଲା, ପ୍ରଥମଟି ହେଲା 'ମଧୁଆ ଚରିତ୍ର'-ଯାହା ମୋ ବାଲ୍ୟ ଜୀବନର ଏକ ଆଖିଦେଖା ଚରିତ୍ର ତାହା ୯-୮-୫୭ରେ ଲେଖିଥିଲି। ୨ୟଟି ମୋର ବଡ଼ ଭାଇଙ୍କ ଅକାଳ ମୃତ୍ୟୁ ପରେ ତା ୩-୮-୫୭ରେ ଲିଖିତ 'ଅଗ୍ରଜ ବିୟୋଗେ', ଏ ସଂପର୍କରେ ପୂର୍ବରୁ ଲେଖିଛି। ୩ୟଟି ୨୫-୯-୫୭ରେ ଲିଖିତ 'ସହିଦ ସ୍ମରଣେ', ୪ର୍ଥଟି ହେଲା ୧୯-୯-୫୭ରେ ଲିଖିତ 'ଜାତୀୟ ପତାକା'। ବୟସ, ଶିକ୍ଷା ଦୃଷ୍ଟିରୁ ଏସବୁ କବିତା ପାଠକଙ୍କୁ ବିସ୍ମିତ କରେ। ମୁଁ ନିଜେ ଅଧିକ କହିବା ଠିକ୍ ନୁହେଁ। ଅଷ୍ଟମ ଶ୍ରେଣୀରେ ଲେଖିଥିବା କବିତା ମଧ୍ୟରୁ ୮ଟି ଉଦ୍ଧାର ପାଇଥିଲା। ପ୍ରଥମ କବିତାଟି ଏକ ବିଦାୟ ସଙ୍ଗୀତ, ଆମର ପୂଜ୍ୟ ଗୁରୁ ଶ୍ରୀ ସୁଧୀର ଚନ୍ଦ୍ର ଗିରି ମେଦିନୀପୁର କାନ୍ଥି ନିକଟବର୍ତ୍ତୀ ତାଙ୍କ ଘର ପାଖ ଏକ ହାଇସ୍କୁଲରେ ନିଯୁକ୍ତି ପାଇବାରୁ ତାଙ୍କ ପାଇଁ ଏକ ବିଦାୟ ସଭା ତା ୫-୪-୫୮ରେ ଅନୁଷ୍ଠିତ ହୋଇଥିଲା। ମୁଁ ତାଙ୍କ ଉଦ୍ଦେଶ୍ୟରେ ଏକ ବିଦାୟ କବିତା ପାଠ କରିଥିଲି।

(କ୍ରମଶଃ)

+ସାଧନାଳୟ, ବିକାଶନଗର, ବାଲେଶ୍ୱର, ମୋ: ୯୪୩୭୭୫୪୭୯୬

ଗୋଲାପର ଦୁର୍ଭାଗ୍ୟ

ସତ୍ୟ ରଞ୍ଜନ ମିଶ୍ର

ପୁଅ ମାନଙ୍କର ଏତାଦୃଶ କାରନାମା ପାଇଁ, ରୋଜାର ଝିଅ ସାଙ୍ଗ ମାନେ ତା ପ୍ରତି ଈର୍ଷାଳୁ ହେଇ ଉଠୁଥାନ୍ତି । ତାଠୁ ଦୁରେଇ ରହୁଥାନ୍ତି । ତାକୁ ସାହାଯ୍ୟ କରିବାକୁ କୁଣ୍ଠିତ ହେଉଥାନ୍ତି । ଦେଖେଇ ଶିଖେଇ କେତେକଥା ଶୁଣାଉଥାନ୍ତି । ତା ଚରିତ୍ର ନେଇ ଦୋଷାରୋପ କରୁଥାନ୍ତି ।

କଲେଜର ଦକ୍ଷିଣ ପଶ୍ଚିମ କୋଣରେ ଅବସ୍ଥାପିତ ସବୁଜ ସୁନ୍ଦର ଉଦ୍ଭିଦ ଉଦ୍ୟାନ । ଉଦ୍ୟାନ ମଧ୍ୟ ଭାଗରେ କ୍ଷୁଦ୍ର ଗୋଲାକାର କୃତ୍ରିମ ଜଳାଶୟ । ଜଳାଶୟ ଠାରୁ ଅନତିଦୂରେ ଏକୁଟିଆ ଚୁପଚାପ ବସିଥାଏ ରୋଜା । ସମୟ ଦିନ ଦଶଟା । ହିମ ସକାଳର ଶିଶିର ଟୋପାମାନ, ଲୋହିତ ସୂରୁଜର ପହିଲି କିରଣରେ ପ୍ରତିଫଳିତ ହୋଇ ମୁକ୍ତାସମ ଝଟକୁ ଥାଆନ୍ତି । ମନ୍ଦ ମନ୍ଦ ପ୍ରବାହିତ ମଧୁର ପବନର ତାଳେ ତାଳେ ପତ୍ର ପୁଷ୍ପ ତଥା ରୋଜାର ଦୀର୍ଘ ଘନକୁଞ୍ଚ କେଶ ହେଉଥାନ୍ତି ଦୋଳାୟିତ । ରୋଜା ପିନ୍ଧିଥିବା ସୁବର୍ଣ୍ଣ କାନ ଫୁଲ ସୂର୍ଯ୍ୟ ରଶ୍ମି ପ୍ରଭାବରେ ଦୂରରୁ ଆଭାସ ଦେଉଥାଏ ଏକ କ୍ଷୁଦ୍ର ତାରକାର।

ରୋଜାର ମୁଖମଣ୍ଡଳ କିନ୍ତୁ ଉଦାସୀନ। ମନଭିତରେ ଅଜସ୍ର ଭାବନା। କଳା ରଙ୍ଗର କାନ୍ଧଗଳା ବ୍ୟାଗ ଟିକୁ ଆଣ୍ଠୁ ଉପରେ ପକେଇ ତାଠୁ ଅଳ୍ପ ଦୂରରେ ଦୋଳୟମାନ ହେଉଥିବା ଗୋଟେ ଗୋଲାପ କଢି କୁ ଏକ ଲୟରେ ନିରୀକ୍ଷଣ କରୁଥାଏ ସେ । କେତେ ସୁନ୍ଦର ସେ ଗୋଲାପ କଢି, ଠିକ ତା ପରି । ଆଉ କିଛି ସମୟ ପରେ ସେ ଫୁଲ ହେଇ ଫୁଟିଯିବ, ପାଖୁଡା ପରେ ପାଖୁଡା ଗୋଟି ଗୋଟି କରି ମେଲିଯିବ । ତହିଁ ଆରଦିନ ପାହାନ୍ତିଆ କାକର ବିନ୍ଦୁର ସ୍ପର୍ଶ ରେ ଝଲସି ଉଠିବ ଫୁଲଟା । କେତେ ଆକର୍ଷଣୀୟ ଲାଗିବ ନାଁ । କବିର ଭାବନା, ଲେଖକର ଉନ୍ମାଦନା, ପୂଜକର ଭକ୍ତି, ମାଳିର ଯତ୍ନ, ପ୍ରେମିକର ବିଭୋରତା ଆଦିରେ ଗୋଲାର ଜୀବନ ହେବ ପରିପୂର୍ଣ୍ଣ। ସମସ୍ତେ ତାକୁ ଆଦର କରିବେ । ସେଇ ଆଦର ପୂର୍ଣ୍ଣ ଭଲ ପାଇବାରେ ହସି ଉଠିବ ଫୁଲଟି । ଇସ... କି ଅନୁଭୂତି । କେତେ ଭାଗ୍ୟବାନ ସେ ଗୋଲାପ କଢି । ଏମିତି ଗୋଟେ ଭାଗ୍ୟ ରୋଜାର ହେଇଥାନ୍ତା କି ... ଭାବୁ ଭାବୁ ଝାଉଁଳି ପଡେ ସେ ।

++++

ରୋଜାର ଆଜିକୁ କଲେଜ ଆସିବା ମାତ୍ର ଛ ମାସ ହେଇଚି । କଲେଜ ଖୋଲିବା ମାସେ ନ ପୁରୁଣୁ ସମ୍ପୂର୍ଣ୍ଣ କ୍ୟାମ୍ପସରେ ସମସ୍ତଙ୍କ ଆକର୍ଷଣର ପ୍ରମୁଖ କେନ୍ଦ୍ରବିନ୍ଦୁ ସାଜିଥିଲା ସେ । ସକାଳ ସାଢେ ନଅଟାରେ କଲେଜ ମୁଖ୍ୟ ଫାଟକ ଦେଇ ଭିତରକୁ ପ୍ରବେଶ କରିବାଠୁ ଆରମ୍ଭ କରି ଅପରାହ୍ନ ସାଢେ ଦୁଇଟା ରେ ସମାନ ଫାଟକ ଦେଇ ବସ ଷ୍ଟାଣ୍ଡ ଯାଏ ଫେରିବା ପର୍ଯ୍ୟନ୍ତ ସମସ୍ତଙ୍କ ଆଖି ଲାଖି ରହୁଥିଲା ରୋଜା ଉପରେ । ଶ୍ରେଣୀ ଗୃହରେ ପାଠପଢା ଚାଲିଥିଲାବେଳେ ଅଧିକାଂଶ ପୁଅ ପିଲାଙ୍କ ନଜର ଶିକ୍ଷକଙ୍କ ଠୁ ହଟି ରୋଜା ଆଡକୁ ଆପେ ଆପେ ଚାଲିଯାଉଥିଲା । ଦୈବାତ ରୋଜାର ନଜର କୋଉ ପୁଅ ପିଲା ଉପରେ ପଡିବା ମାତ୍ରେ, ସମ୍ପୃକ୍ତ ପିଲାଟି ମୁହଁ ବୁଲାଇ ଶିକ୍ଷକମନସ୍କ ହେବାର ଅଭିନୟ କରୁଥିଲା । ରୋଜା ଭଲ ଭାବେ ଜାଣିପାରୁଥିଲା ତାସହ ଏସବୁ କଣ ପାଇଁ ଘଟୁଛି। କିନ୍ତୁ ସେ ନାଚାର ଥିଲା ।

ରୋଜା ପାଠ ପଢ଼ାରେ ସେତେ ବେଶୀ ଉନ୍ନତ ନଥିଲେ ସୁଦ୍ଧା କେଇଟା ଦିନରେ ଶିକ୍ଷକ ଶିକ୍ଷୟତ୍ରୀଙ୍କର ସବୁଠୁ ମନ ପସନ୍ଦର ଛାତ୍ରୀ ସାଜିଥିଲା । କୌଣସି ଦିନ କିଛି କାରଣରୁ ସେ କଲେଜ ନଗଲେ, ତହିଁ ଆରଦିନ ତା ଉପରେ ପ୍ରଶ୍ନ ପରେ ପ୍ରଶ୍ନ ଲଦି ହେଇପଡୁଥିଲା ଯେ ଗତକାଲି କାଇଁ କଲେଜ ଆସିନଥିଲୁ । ଫର୍ମ ପୂରଣ ପାଇଁ ଫିସ ଦାଖଲ କରିବାକୁ ବାକି ଝିଅଙ୍କ ପରି ରୋଜାକୁ ଲମ୍ବା ଲାଇନରେ ଠିଆ ହବାକୁ ପଡୁନଥିଲା । ସିନିଅର ପୁଅ ମାନେ ନିଜ ତରଫରୁ ଆସି ତାଠୁ ପଇସା ନେଇ ଫର୍ମ ପୂରଣ କରିଦେଉଥିଲେ । କେହି କେହି ତାଠୁ ପଇସା ନନେଇ ଫର୍ମ ପୂରଣ କରିଦେବେ ବୋଲି ମଧ୍ୟ ପ୍ରସ୍ତାବ ଦେଉଥିଲେ । ଏହାର କାରଣ ହେଲା, ରୋଜା ଥିଲା ସମସ୍ତଙ୍କ ପାଇଁ ସ୍ୱତନ୍ତ୍ର । ସମସ୍ତଙ୍କଠୁ ସୁନ୍ଦର । ବଗିଚାର ସବୁ ଫୁଲ ଭିତରୁ ଠିକ ଏଇ ଗୋଲାପ କଢି ପରି ।

ରୋଜା ଓରଫ ରୋଜାଲିନ ମହାପାତ୍ର । ମଧ୍ୟବିତ୍ତ ପରିବାରର ଝିଅ । ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ଦିବାକର ମହାପାତ୍ର ହେଉଛନ୍ତି ତା ବାପା । ରୋଜା ଯୋଉଦିନ ଜନ୍ମ ହେଇଥିଲା, ତା ଜେଜେମା ତାକୁ ଦେଖୁ ଦେଖୁ ଖୁସିରେ ନାଚି ଉଠି କହିଥିଲେ, ' ଏଡ଼େ ସୁନ୍ଦର ଚାନ୍ଦ ଭଳି ଝିଅଟିଏ, ନିଶ୍ଚୟ ମା ଲକ୍ଷ୍ମୀ ଆସିଛନ୍ତି ଘରକୁ..... ' କିନ୍ତୁ ସେ ବାକ୍ୟ ରୋଜାର ବଡ଼ ହେବା ମାତ୍ରେ ଧୀରେ ଧୀରେ ମିଛ ବୋଲି ସାବ୍ୟସ୍ତ ହେଉଥିଲା । ରୋଜାକୁ ନେଇ ଏବେ ତାଙ୍କ ଘରେ ଲାଗିରହୁଥିଲା ଚିନ୍ତା, ଭୟ, ଆଲୋଚନା, ତର୍କ ବିତର୍କ । ରୋଜା ଘରୁ ବାହାରି କଲେଜକୁ ଯିବାଠାରୁ, ପୁଣି ଘରେ ଆସି ପହଞ୍ଚିବା ପର୍ଯ୍ୟନ୍ତ ଘରୁ ଲାଗିରହେ ଫୋନ କଲ । ଭଲରେ ପହଞ୍ଚିଲୁ ନା ନାହିଁ, କ୍ୟାଣ୍ଟିନରେ ଖାଇଲୁ କି ନାହିଁ, କ୍ଲାସ ହେଲା କି ନାହିଁ, କେତେବେଳକୁ ଘରକୁ ଫେରିବୁ, ଫେରିଲାବେଳେ ବସରେ ବସିଲା ମାତ୍ରେ ଜଣେଇବୁ ଇତ୍ୟାଦି ଇତ୍ୟାଦି । ରୋଜା ବୀତସ୍ପୃହ ହେଇଯାଉଥାଏ ଏପ୍ରକାର ନିତିଦିନିଆ ଜୀବନରୁ।

ବାପାଙ୍କ ଆର୍ଥିକ ଅବସ୍ଥାକୁ ଚାହିଁ ହଷ୍ଟେଲରେ ରହିବାକୁ ମନ ବଳେଇ ନଥିଲା ରୋଜା । ତାଛଡା ଘରଠୁ କଲେଜ ବସରେ ମାତ୍ର କୋଡିଏ ମିନିଟର ବାଟ ହେଇଥିବାରୁ ସେ କଲେଜକୁ ବସ ଦ୍ୱାରା ଯିବା ଆସିବା କରୁଥିଲା । ତଥାପି ବି ଅସୁବିଧା ଦୂର ହେଉନଥିଲା ରୋଜାର । ବସ ଯେତେ ଫାଙ୍କା ଥିଲେ ମଧ୍ୟ ରୋଜା ଠିଆ ହେଇଥିବା ଜାଗାଟି ନିକଟରେ ବେଶୀ ଭିଡ଼ ଜମୁଥିଲା ଆଉ ସେ ଭିଡ଼ର ବାହାନା କରି ରୋଜାର ଆଗ ପଛ ଚତୁର୍ପାଶ୍ୱରେ ଖୁନ୍ଦି ହେଇ ଠିଆ ହଉଥିଲେ ଚାରିରୁ ପାଞ୍ଚ ଜଣ ପୁରୁଷ ଲୋକ। ବସ ବ୍ରେକ ମାରିବା ମାତ୍ରେ କିଏ ରୋଜା ଉପରେ ଆଉଜି ପଡୁଥାଏ ତ କିଏ ତାକୁ କ୍ୱଚିତ ଧରି ପକାଉଥାଏ । ରୋଜା ବିଚାରି ଅତି ସନ୍ତର୍ପଣରେ ହଲଚଲ ନହେଇ ଗୋଟେ ସିଟ କଡରେ ସିଟର ଅଗ୍ର ଭାଗକୁ ଜୋରରେ ଜାବୁଡି ଧରି ଠିଆ ହେଇଥାଏ । ଆଉ ମନେମନେ ଭଗବାନଙ୍କୁ ଡାକୁଥାଏ ଖୁବ୍ ଶୀଘ୍ର ଏ ବସ ଯାତ୍ରା ଶେଷ ହେଉ ।

ଅଳ୍ପ ଦିନେ ରୋଜାକୁ ଭଲ ପାଉଥିବା ଏକତରଫା ପ୍ରେମିକ ମାନଙ୍କ ସଂଖ୍ୟା କଲେଜରେ ତୀବ୍ର ଗତିରେ ବଢିଗଲା । ରୋଜାକୁ କଲେଜରେ ଦେଖିବା କ୍ଷଣି ଆରମ୍ଭ ହେଇଯାଏ, ପ୍ରେମିକମାନଙ୍କ ହିରୋଗିରି । କିଏ ବାଇକ ଧରି ଦଶ ଘେରା କାଟୁଥାଏ ତ କିଏ ସୁଟ ବୁଟ ହେୟାର ଷ୍ଟାଇଲ ଦ୍ୱାରା ରୋଜା ମନରେ ପ୍ରଭାବ ପକେଇବାକୁ ଚେଷ୍ଟା କରୁଥାଏ । କିଏ ଚକୋଲେଟ, ଫୁଲତୋଡ଼ା ଦେଇ ରୋଜା ମନକୁ ଜିଣିବାକୁ ଚେଷ୍ଟା କରୁଥିଲାବେଳେ କିଏ ଉପରେ ପଡି ନୋଟ୍ସ କ୍ଲାସ ଆଦି ବିଷୟରେ ଜଣେଇ ଛୋଟମୋଟ ସାହାଯ୍ୟ କରି ରୋଜାର ନିକଟତର ହେବାକୁ ପ୍ରଚେଷ୍ଟା କରୁଥାଏ । କିଛି ଦିନ ଅନ୍ତରାଳେ କେଇ ଜଣ ସାହସ କରି ଆସି ରୋଜା ଆଗରେ ମନକଥା ପ୍ରକାଶ ମଧ୍ୟ କଲେ । ମନେମନେ ପ୍ରଚଣ୍ଡ ରାଗ ଆଉ ଘୃଣାରେ ବିରକ୍ତ ହେଇଯାଏ ରୋଜା । କେତେ ନୀଚ ଏ ପୁରୁଷ ପୁଅ ଗୁଡା । ଯାହାକୁ ଜାଣିନାହାନ୍ତି, ଚିହ୍ନିନାହାନ୍ତି, ଯାହାର ମନକୁ କେବେ ପଢି ନାହାନ୍ତି, ତାକୁ ସେମାନେ ଏତେ ସହଜରେ ପ୍ରେମ କରି ବସିଲେ ? ସତରେ କଣ ଏଇଟା ପ୍ରେମ ନା ନାରୀ ଶରୀର ପ୍ରତି ଅହେତୁକ ଦୁର୍ବଳତା ଛି..। ରୋଜା କୁ ଏସବୁ ଭଲ ଲାଗୁନଥାଏ, ସେ ସମସ୍ତଙ୍କୁ ମୁହେଁ ମୁହେଁ ରୋକଠୋକ ମନାକରିଦେଉଥାଏ । କେତେ ପିଲାଙ୍କ ହୃଦୟ ଭାଙ୍ଗୁଥାଏ । ଆଉ କେତେ ପିଲା ନିଜ ଭାଗ୍ୟ ପରୀକ୍ଷା କରିବାକୁ ତତ୍ପର ଓ ଉତ୍ସାହିତ ହେଉଥାନ୍ତି ।

ପୁଅମାନଙ୍କର ଏତାଦୃଶ କାରନାମା ପାଇଁ, ରୋଜାର ଝିଅ ସାଙ୍ଗ ମାନେ ତା ପ୍ରତି ଈର୍ଷାଳୁ ହେଇ ଉଠୁଥାନ୍ତି । ତାଠୁ ଦୁରେଇ ରହୁଥାନ୍ତି । ତାକୁ ସାହାଯ୍ୟ କରିବାକୁ କୁଣ୍ଠିତ ହେଉଥାନ୍ତି । ଦେଖେଇ ଶିଖେଇ କେତେକଥା ଶୁଣାଉଥାନ୍ତି । ତା ଚରିତ୍ର ନେଇ ଦୋଷାରୋପ କରୁଥାନ୍ତି । ଏମିତିକି ତା ନାଁରେ ମିଛରେ ଏଣୁତେଣୁ ଅପପ୍ରଚାର ମଧ୍ୟ କରୁଥାନ୍ତି । ବିନା ଦୋଷରେ ରୋଜାର ଶତ୍ରୁ ସଂଖ୍ୟା ବଢୁଥାଏ ଆଉ ରୋଜାକୁ ଲାଗୁଥାଏ ସତେ ଯେମିତି ସେ କୋଉ ବିପଦ ମୁହଁକୁ ଠେଲି ହେଇ ହେଇ ଯାଉଛି ।

ବନ୍ଧୁବାନ୍ଧବ ଅଥବା ଘର ପାଖ ଲୋକ ଆସି ରୋଜାର ବାପା ମା ଙ୍କ ଆଗରେ ସବୁବେଳେ କହୁଥାନ୍ତି, 'କାଇଁ ଆଉ ଝିଅକୁ କଲେଜ ପଠାଉଥିଲବା..ଗୋରା ତକତକ ଝିଅ ତ ପାଇଛ... ମାଟ୍ରିକ ପାସ କରି ଶିକ୍ଷିତ ହେଲାଣି, ଘର କରଣା ଶିଖିଗଲେ ଅଠର ପୁରୁ ପୁରୁ ତା ପଛରେ ଡାକ୍ତର ଇଞ୍ଜିନିଅର କଲେକ୍ଟର ପ୍ରସ୍ତାବ ଲାଇନ ଲାଗିବ । ତାଛଡା ଆଜିକାଲି ଯୁଗ ଯାହା ଝୁଅ ଛୁଆକୁ ପଦାକୁ ଛାଡିଲେ ପ୍ରତି ପାଦରେ ବିପଦ । କୋଉଦିନ କୋଉ କଥା । ଟିକେ ଭୁଲ ଭଟକା ହେଲେ ସାରା ଜୀବନ ବେକରେ ଓହଳେଇ ବୁଲୁଥିବ । ଏବେ ବି ସମୟ ଅଛି ସାବଧାନ ହେଇଯାଅ ।'

ଏସବୁ ଶୁଣି ରୋଜା ଆଉ ବାକି ଘର ଲୋକ ଭୟଭୀତ ହେଇପଡୁଥାନ୍ତି । ରୋଜାକୁ ସବୁବେଳେ ଡର ଲାଗୁଥାଏ । କେତେ ପିଲାଙ୍କୁ ଯେ ସେ ପ୍ରତ୍ୟାଖ୍ୟାନ କରିଛି, ସେମାନେ ଯଦି ତା ଉପରେ ପ୍ରତିଶୋଧ ପରାୟଣ ହେଇ ଉଠିବେ ? ? ଯଦି କଲେଜ ଯାଉ ଯାଉ ବାଟରେ କିଏ ତାକୁ ଗାଡି ଅଟକାଇ କିଡନାପ କରି ନେଇଯାଏ ? ? ଯଦି କିଏ ବାଇକରେ ଆସି ତା ମୁହଁକୁ ଏସିଡ ଫିଙ୍ଗିଦିଏ ତାହେଲେ ? ? କଣ ହବ ତା ଅବସ୍ଥା ? ?

ନାଭାଲ୍ ସେକେଣ୍ଡ ୟୁନିଟର ସ୍ୱଚ୍ଛତା କାର୍ଯ୍ୟକ୍ରମ

ଭଦ୍ରକ,୩୧।୧ (ନି.ପ୍ର): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ନାଭାଲ୍ ସେକେଣ୍ଡ ୟୁନିଟ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭଦ୍ରକ ସହରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ ମହିଳା ମହାବିଦ୍ୟାଳୟ, ଜିଲ୍ଲାସ୍କୁଲ,ଚରମ୍ପା ହାଇସ୍କୁଲ,ଏନସି ହାଇସ୍କୁଲ, ବାଗୁରାଇ ହାଇସ୍କୁଲ, ଏସବିଡି ଇଣ୍ଟରନ୍ୟାସନାଲ୍ ସ୍କୁଲର ନାଭାଲ୍ ଉଇଙ୍ଗ୍‌ସର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏକ ଶୋଭାଯାତ୍ରାରେ କ୍ୟାଡେଟମାନେ ବାହାରି 'ସ୍ୱଚ୍ଛତା ହିଁ ସେବା ' ଇତ୍ୟାଦି ସ୍ଲୋଗାନ୍ ଦେଇ ମହାବିଦ୍ୟାଳୟର ଆଖପାଖ ଅଞ୍ଚଳରେ ପରିକ୍ରମା କରିଥିଲେ। କମାଣ୍ଡିଙ୍ଗ୍ ଅଫିସର ପି. କେ.ବସକ୍, ସି.ପି.ଓ ମହମ୍ମଦ ଇଫଟେକାର୍ ଉଦିନ୍, ପି.ଓ. ବିସବେନ୍ଦ୍ର ସିଂ, ଏ.ନ.ଓ ଆରଏନ୍ ମହାନ୍ତି ଓ ତାପସ ରଞ୍ଜନ ଧଳ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କ୍ୟାଡେଟମାନେ ମହାବିଦ୍ୟାଳୟ ପରିସରରେ ସଫେଇ କରିଥିଲେ। ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମରେ ଭଦ୍ରକରେ ଚଳିତ ବର୍ଷ ଆରମ୍ଭ ହୋଇଛି ଏବଂ ପ୍ରତିବର୍ଷ ପାଳିତ ହେବ ବୋଲି ନାଭାଲ୍ ସେକେଣ୍ଡ ୟୁନିଟ ପକ୍ଷରୁ ସୂଚନା ଦିଆଯାଇଛି।

୨୧ ନଂ ଆଦିବାସୀ ବସ୍ତିରେ ଉନ୍ନୟନର ସମୀକ୍ଷା କଲେ ବିଧାୟକ

କେନ୍ଦ୍ରାପଡା ,୩୧।୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ୨୧ନଂ ୱାର୍ଡର ଆଦାବସୀ ସାନ୍ତାଳ ବସ୍ତିରେ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା କରାଯିବାକୁ ଥିବା ଉନ୍ନୟନ କାର୍ଯ୍ୟର ଅନୁଧ୍ୟାନ କରିବା ସହ ବସ୍ତି ବାସିନ୍ଦାଙ୍କ ସହିତ ଆଲୋଚନା କରିଥିବାର ଜଣା ପଡିଛି । ଶ୍ରୀ ବେହେରା ଶନିବାର ପୂର୍ବାହ୍ନରେ ଏହି ବସ୍ତିର ଘରକୁ ଘର ବୁଲି ବାସିନ୍ଦାଙ୍କୁ ଭେଟିବା ସହ ସେମାନଙ୍କ ସହ ଆଳାପ ଆଲୋଚନା କରିଥିଲେ । ଦୀର୍ଘ ବର୍ଷହେଲା ଏହି ବସ୍ତି ଗଢି ଉଠିଥିବା ବେଳେ ପାନୀୟ ଜଳ, ରାସ୍ତାଘାଟ, ଆଲୋକୀକରଣ ଓ ବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରିବା ଏକ ସମସ୍ୟା ଭାବେ ଦେଖା ଦେଇଛି । ଏନେଇ ଶ୍ରୀ ବେହେରା ସରକାରୀ ନିୟମ କାନୁନ ଅନୁଯାୟୀ କିପରି ସମାଧାନ କରାଯାଇ ପାରିବ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ । ଏହି ଗସ୍ତ ସମୟରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ଟାଉନ ସଭାପତି ଜଜାତି କେଶରୀ ମହାନ୍ତି, ଯୁବ ନେତା ମହେନ୍ଦ୍ର କୁମାର ମିଶ୍ର, ରଞ୍ଜନ କୁମାର କର, ମଧୁସୁଦନ କର, ମଙ୍ଗଳ ବରଣ ସିଂହ, ଦୁର୍ଗାପ୍ରସାଦ ପତି ପ୍ରମୁଖ ଉପସ୍ଥିତ ଥିଲେ । ବସ୍ତିର ଶତାଧିକ ମହିଳା ବିଧାୟକଙ୍କୁ ପ୍ରାରମ୍ଭିକ ରୀତିରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

ସରପଂଚଙ୍କ କର୍ମଶାଳା

ପୁରୀ,୩୧।୧ (ନି.ପ୍ର): ଗ୍ରାମ ପଂଚାୟତ ମାନଙ୍କରେ ସର୍ବନିମ୍ନ ସୁବିଧା ଉପଲବ୍ଧ କରାଇବା ସହ ବିଭିନ୍ନ ଯୋଜନାର ସଫଳ ରୂପାୟନ କରିବା ନିମନ୍ତେ ସରପଂଚ ମାନଙ୍କ ଏକ କର୍ମଶାଳା ଓ ସମୀକ୍ଷା ବୈଠକ ସ୍ଥାନୀୟ ନିଳାଦ୍ରୀ ଭକ୍ତ ନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲାପାଳ ସମର୍ଥ ବର୍ମା ଅଧ୍ୟକ୍ଷତା କରିଥିଲେ ଓ ସମସ୍ତ ବିଡିଓ, ୨୬୮ ଟି ପଂଚାୟତର ସରପଂଚ, କନିଷ୍ଠ ଯନ୍ତ୍ରୀ, ଗ୍ରାମ ପଂଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ସମସ୍ତ ପଂଚାୟତରେ ପାଠାଗାର ନିର୍ମାଣ ନିମନ୍ତେ ସ୍ଥାନୀୟ ବୁଦ୍ଧିଜିବୀ ମାନଙ୍କ ସହ ଆଲୋଚନା କରି ସ୍ଥାନ ଚିହ୍ନଟ ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏଥିସହ ଆମୋଦ ପ୍ରମୋଦ ନିମନ୍ତେ ଉଦ୍ୟାନ ପାଇଁ ଯାଗା ଚିହ୍ନଟ ପ୍ରକ୍ରିୟା ଆସନ୍ତା ସପ୍ତାହକ ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ସରପଂଚ ମାନଙ୍କୁ କହିଛନ୍ତି । ସଂପୃକ୍ତ ତହସିଲଦାର, ବିଡିଓ, ଜେଇ, ରାଜସ୍ୱ ନିରୀକ୍ଷକ ମାନଙ୍କୁ ଏନେଇ ପରାମର୍ଶ ଦିଆଯାଇଛି । ଏଥିସହ ଖେଳ ପଡିଆର ବିକାଶ ମଧ୍ୟ କରାଯିବ । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଏସବୁ ନିମନ୍ତେ ଶ୍ରମ ଦିବାସ ସୃଷ୍ଟି କରାଯିବ । କେନ୍ଦ୍ର ଓ ରାଜ୍ୟ ଅର୍ଥ କମିଶନଙ୍କ ପାଣ୍ଠିର ସୁବିନିଯୋଗ କରାଯିବ । ଏତଦବ୍ୟତୀତ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ବାକି ଥିବା କାମକୁ ତୁରନ୍ତ ଶେଷ କରିବାକୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସେନ କହିଛନ୍ତି । ଏଥିପାଇଁ ସଂପୃକ୍ତ ଅଂଚଳର ଗ୍ରାମବାସୀ ମାନଙ୍କ ସହ ଆଲୋଚନା କରି ପ୍ରତିବନ୍ଧକ ଦୂର କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଗ୍ରାମୀଣ ଗୃହ ନିର୍ମାଣ, ମିଶନ ଶକ୍ତି ଗୃହ ତିଆରି ସଂପର୍କରେ ବିଶଦ ଭାବେ ଆଲୋଚନା କରାଯାଇଛି । ଏଥିସହ ସରପଂଚ ମାନଙ୍କ ମତାମତ ନିଆଯାଇଛି । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରବି ନାରାୟଣ ତ୍ରିପାଠୀ, ବିମଳ ଚନ୍ଦ୍ର ତିରିୟା, ଜିଲ୍ଲା ପଂଚାୟତ ଅଧିକାରୀ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

୫ମ ଦିନରେ ଆଦିବାସୀ ମେଳା : ସବାଇ ଘାସରେ ପ୍ରସ୍ତୁତ ସାମଗ୍ରୀରେ ଦର୍ଶକଙ୍କ ଆଗ୍ରହ

ଭୁବନେଶ୍ୱର,୩୧।୧ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ ମୟୂରଭଂଜ ଜିଲ୍ଲାରେ ସବାଇ ଘାସ ରୋଜଗାରର ଏକ ମୁଖ୍ୟ ପନ୍ଥା ଭାବରେ ଗଣ୍ୟ ହୋଇଥାଏ । କାଗଜ ଓ ଦଉଡ଼ି ପ୍ରସ୍ତୁତିରେ ସବାଇ ଘାସର ବହୁଳ ବ୍ୟବହାର ସମ୍ପର୍କରେ ସମସ୍ତଙ୍କର ଧାରଣା ରହିଛି । ମାତ୍ର ସବାଇ ଘାସରୁ ଖୁବ୍ ଉନ୍ନତ ଧରଣର ତଥା ଆକର୍ଷଣୀୟ ହସ୍ତଶିଳ୍ପଜାତ ସାମଗ୍ରୀ ଯେ ପ୍ରସ୍ତୁତ ହୋଇପାରେ, ତାହାର ଜ୍ୱଳନ୍ତ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ରାଜଧାନୀ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଏ ବର୍ଷର ଆଦିବାସୀ ମେଳାରେ । ଆଦିବାସୀ ମେଳାରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ସବାଇ ଘାସରେ ପ୍ରସ୍ତୁତ ହସ୍ତକଳା ସାମଗ୍ରୀ ମେଳାର କେତେକ ମଣ୍ଡପରେ ପ୍ରଦର୍ଶନ କରାଯାଉଛି । ଏହି ସାମଗ୍ରୀ ଗୁଡିକ ଖୁବ୍ ନିଖୁଣ ଓ ଆକର୍ଷଣୀୟ ଶୈଳୀରେ ପ୍ରସ୍ତୁତ ହୋଇଥିବାରୁ ଦର୍ଶକଙ୍କ ଆଗ୍ରହ ସ୍ୱତଃ ବୃଦ୍ଧି ପାଉଛି । ସବାଇ ଘାସରୁ ତିଆରି ସାମଗ୍ରୀ ଗୁଡିକ ମଧ୍ୟରୁ ଫୁଲ ଚାଙ୍ଗୁଡି, ପାଚିଆ, ବ୍ୟାଗ୍ ସହିତ ବିଭିନ୍ନ ଘରକରଣା ଉପକରଣ ରାଜ୍ୟ ବାହାରେ ମଧ୍ୟ ଆଦୃତି ଲାଭ କରିଛି । ଆଦିବାସୀ ମାନେ ନିଜ ଗ୍ରାମରେ ସବାଇ ଘାସ ଚାଷ କରି ସେ ସବୁକୁ ଆଣି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି । ମେଳା ମଣ୍ଡପରେ ତାହାର କେବଳ ପ୍ରଦର୍ଶନ ଓ ବିକ୍ରି କରାଯାଉ ନାହିଁ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ନିଜ ହାତରେ ତାହାକୁ ବୁଣି ଚାଲିଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଲୋଧାଙ୍କ ଅଧ୍ୟୁଷିତ ମୋରଡା ଓ ଶୁଳିଆପଦା ବ୍ଲକର ମହିଳା ଆଗରୁ ଘୋର ଦାରିଦ୍ର୍ୟ ଓ ଅନାଟନ ମଧ୍ୟରେ ଜୀବନ ଅତିବାହିତ କରୁଥିବା ବେଳେ ଏବେ ସବାଇ ଘାସରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ବେଶ୍ ଦୁଇ ପଇସା ରୋଜଗାର କରିପାରୁଛନ୍ତି । କେତେକ ସ୍ୱୟଂ ସହାୟକ ଗୋଷ୍ଠୀ ସବାଇ ଘାସରେ ଫୁଲ ଝୁଡି, ଡଷ୍ଟବିନ୍, ମ୍ୟାଟ୍, ହଟ୍‌କେସ୍, ସପିଙ୍ଗ୍ ବ୍ୟାଗ୍, ବୋତଲ, ବ୍ୟାଗ୍, ଟ୍ରେ ଆଦି ପ୍ରସ୍ତୁତ କରିଛନ୍ତି । ସିନ୍ଦୁର ଫରୁଆ, ପେନ୍ ଷ୍ଟାଣ୍ଡ୍, କାନଫୁଲ, ମୁଦି, ଫାଇଲ୍ କଭର୍ ଆଦି ସବାଇ ଘାସରେ ତିଆରି କରାଯାଉଛି ବୋଲି ମେଳା ମଣ୍ଡପରେ ଆଦିବାସୀ ମହିଳା ସୂଚନା ଦେଇଥିଲେ । ମୟୂରଭଂଜ ଜିଲ୍ଲାର ୧୩ଟି ମାଇକ୍ରୋ ପ୍ରୋଜେକ୍ଟରେ ଏହି ପ୍ରସ୍ତୁତି ଚାଲିଥିବାର ଦାୟିତ୍ୱରେ ଥିବା ମହିଳା ଅଧିକାରୀ ମମତା ଗ୍ରହାଚାର୍ଯ୍ୟ କହିଥିଲେ । ଆଦିବାସୀ ମେଳାର ଆଜିଥିଲା ଫଂଚମ ଦିବସ । ଛୁଟିଦିନ ଥିବାରୁ ମେଳା ପରିସରରେ ବେଶ୍ ଗହଳି ଲକ୍ଷ୍ୟ କରାଯାଇଥିଲା । ଶୀତୁଆ ଅପରାହ୍ନରେ କିଣାବିକାର ମଜା ନେଇଥିଲେ ସହସ୍ରାଧିକ ଦର୍ଶକ । ବିଭିନ୍ନ ହସ୍ତଶିଳ୍ପ ଜାତ ସାମଗ୍ରୀ ପ୍ରଦର୍ଶନ କରାଯାଉଥିବା ଷ୍ଟଲରେ ଅପେକ୍ଷାକୃତ ଅଧିକ ଭିଡ଼ ହୋଇଥିଲା । ବହୁ ମହିଳା ହାତରେ ଫୁଲଝାଡୁ ଓ ଅନ୍ୟ ଘରକରଣା ସାମଗ୍ରୀ ଧରି ଫେରୁଥିବାର ନିଆରା ଦୃଶ୍ୟ ପରିଲକ୍ଷିତ ହୋଇଥିଲା ।

ମହାତ୍ମା ଗାନ୍ଧୀ ବିଚାରମଂଚ ଦ୍ୱାରା ମହାତ୍ମାଗାନ୍ଧୀଙ୍କ ୭୪ତମ ଶ୍ରାଦ୍ଧ ଦିବସ ପାଳିତ

ଭଦ୍ରକ,୩୦।୧: ମହାତ୍ମାଗାନ୍ଧୀ ବିଚାର ମଞ୍ଚ ପକ୍ଷରୁ ଭଦ୍ରକ ଟାଉନହଲ (ସହିଦ ସ୍ମୃତି ଭବନ)ଠାରେ ମାହାତ୍ମାଗାନ୍ଧୀଙ୍କ ୭୪ତମ ତୀରୋଧାନ ଦିବସ ପାଳନ କରାଯାଇଛି। ଏହି ଅବସରରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା। ସୁଧାକର ରାଉତଙ୍କ ମଞ୍ଚ ଆମନ୍ତ୍ରଣରେ ଅନୁଷ୍ଠିତ ସଭାରେ ଦିଗମ୍ବର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଅନ୍ତେବାସୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ପ୍ରଫେସର ରାଜକିଶୋର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଜୟ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଶାନ୍ତନୁ କୁମାର ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରହ୍ଲାଦ ସିଂ, ସମ୍ମାନିତ ଅତିଥି ଭାବେ ଡ. ରୀନା ରାଉତରାଏ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ଯୋଗ ଦେଇ ଭାରତ ସ୍ୱାଧୀନତାରେ ମହାତ୍ମା ଗାନ୍ଧୀଙ୍କ ଅବଦାନର ଅବତାରଣା କରିଥିଲେ। ଆଜିର ଦିନରେ ତାଙ୍କୁ ମନେ ପକାଇ ତାଙ୍କ ସ୍ମୃତିଚାରଣ କରିବା ତାଙ୍କ ପ୍ରତି ଯଥେଷ୍ଟ ହେବ ନାହିଁ ବୋଲି ମତ ପ୍ରକାଶ କରିଥିଲେ। ମହାତ୍ମାଗାନ୍ଧୀ ସତ୍ୟ, ଅହିଂସାର ପୂଜାରୀ ଥିବା ବେଳେ ତାଙ୍କ ତ୍ୟାଗପୂତ ଜୀବନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ୨ଜଣ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱ ନବକିଶୋର ପାତ୍ର ଓ ସେକ୍ ବୁଦ୍ଧିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଲୋଚନ ବେହୁରିଆ ଓ ବାବୁଲାଲ ଦାସ ମାନପତ୍ର ପାଠ କରିଥିଲେ। ଏସ୍.ଏମ୍ ଫାରୁକ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଏତିହାସିକ ଗାନ୍ଧୀ ପଡ଼ିଆରେ ମୟୂଚର କର୍ମକର୍ତ୍ତାଙ୍କ ତରଫରୁ ସଫେଇ କରାଯିବା ସହ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଗାନ୍ଧୀ ଭଜନ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କର୍ମକର୍ତ୍ତାଙ୍କ ମଧ୍ୟରେ ଡ. ଝରଣା ପଟ୍ଟନାୟକ, ଉଦୟ ମହାନ୍ତି, ହରମୋହନ କୁଅଁର, ନରୋତ୍ତମ ପରିଡା, ରୂପକ ବିହାରୀ ରାୟ ପ୍ରମୁଖ ସହଯୋଗ କରିଥିଲେ। ସଭାର ପରିସମାପ୍ତି ପରେ ଏକ କବିତାପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଗାନ୍ଧୀଙ୍କ ଉପରେ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। କବୟିତ୍ରୀ ଅନୁରାଧା ମିଶ୍ରଙ୍କ ସଂଚାଳନରେ ଅନୁଷ୍ଠିତ କବିତା ପାଠୋତ୍ସବକୁ ରମେଶ ଦାସ, ଡ. ଅବନୀ ପ୍ରଧାନ ପରିଚାଳନା କରିଥିଲେ। ବିଜୟ କୁମାର ବହଳୀ, ଅକ୍ଷୟ କୁମାର ଜେନା, କାଳନ୍ଦୀ ମଲ୍ଲିକଙ୍କ କବିତା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିବେଚିତ ହୋଇଥିଲା। ଏହି ଅବସରରେ ନରେଶ ମଣ୍ଡଳଙ୍କ ସହଯୋଗରେ ଡଗମୁଣ୍ଡ କୁଷ୍ଠ କଲୋନୀରେ ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହାକୁ କରୁଣାକର ଉପାଧ୍ୟାୟ, ଅଜିତ କୁମାର ନାୟକ, ଗୌତମ ମହାରଣା, କ୍ଷୀରୋଦ କୁମାର ମିଶ୍ର, ଆଦିତ୍ୟ କୁମାର ଗୋସ୍ୱାମୀ, ବିନୟ କୁମାର ପଣ୍ଡା, ଅରବିନ୍ଦ ବସନ୍ତରାୟ, ରଜତ କୁମାର ସାହୁ, ବୀରେନ୍ଦ୍ର କୁମାର ଦାସ, ଅଶୋକ କୁମାର ଦାସ, ହୃଶିକେଶ ମହାନ୍ତି ପରିଚାଳନା କରିଥିଲେ।

ଓଡିଶାରେ ଜାତୀୟ ମ୍ୟାଲେରିଆ ଗବେଷଣା ପ୍ରତିଷ୍ଠାନ ରହିବାର ଆବଶ୍ୟକତା ଏବେବି ରହିଛି : କର୍ମଚାରୀ ସଂଗଠନ ସଭାପତି

ରାଉରକେଲା,୩୧।୧ (ନି.ପ୍ର): ଓଡିଶାର ରାଉରକେଲାରେ ଜାତୀୟ ମ୍ୟାଲେରିଆ ଗବେଷଣା ପ୍ରତିଷ୍ଠାନ ରହିବାର ଆବଶ୍ୟକତା ଏବେ ବି ରହିଛି, ଏହାକୁ ଷଡଯନ୍ତ୍ର କରି ରାଉରକେଲାରୁ ଉଠାଇ ନନିଆଯାଉ ବୋଲି କର୍ମଚାରୀ ସଂଗଠନର ସଭାପତି ସୁବ୍ରତ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଆଜି ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, ଓଡିଶା ସମେତ ସୁନ୍ଦରଗଡ ଜିଲ୍ଲାରେ ମ୍ୟାଲେରିଆର ପ୍ରକୋପ କ'ଣ ରହିଛି ତାହା ସରକାରୀ ଭାବେ କ'ଣ ଦର୍ଶାଯାଇଛି ତାହା ଭିନ୍ନ କଥା, କିନ୍ତୁ ଏବେ ବି ବିଭିନ୍ନ ଅଂଚଳରେ, ଗ୍ରାମାଂଚଳରେ ଏହି ସବୁ ସମସ୍ୟା ରହିଛି ଓ ସେ ସବୁ ଲାଗି ଏହି ପ୍ରତିଷ୍ଠାନର ଆବଶ୍ୟକତା ଏବେବି ରହିଛି ତେଣୁ କିଛି ନ୍ୟସ୍ତ ସ୍ୱାର୍ଥ ଲୋକଙ୍କ ଷଡଯନ୍ତ୍ରରେ ସରକାର ନପଡି ରାଉରକେଲାର ଏହି କାର୍ଯ୍ୟାଳୟକୁ ଏଠାରେ ରଖିବା ଲାଗି ପୁର୍ନବାର ସରକାର ନିଷ୍ପତି ନିଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ୧୯୮୫ରେ ଗଞ୍ଜାମରେ ଥିବା ଏହି ସଂସ୍ଥାକୁ ସେ ସମୟରେ ରାଉରକେଲାକୁ ୧୯୮୮ରେ ଅଣାଯାଇଥିଲା । ଭାରତ ବର୍ଷରେ ମୋଟ ୧୨ଟି କେନ୍ଦ୍ରରୁ ୨ଟି ବନ୍ଦ ହୋଇ ମାତ୍ର ୧୦ଟି କେନ୍ଦ୍ର ପରିଚାଳିତ ହେଉଛି । ତେବେ ଚଳିତ ମାସ ୨୧ ତାରିଖ ଏହାର ମୁଖ୍ୟ କାର୍ଯ୍ୟାଳୟ ଚିଠି ନମ୍ବର ୭୫/୧/୨୦୨୧ ଅନୁଶାରେ ରାଉରକେଲାର ଏହି ସେଂଟରର ୪୪ କର୍ମଚାରୀଙ୍କୁ ଦେଶର ବିଭିନ୍ନ ସ୍ଥାନକୁ ବଦଳି କରାଜିବା ସହ ସେମାନଙ୍କୁ ରିଲିଭ କରିଦେବା ଭଳି କଥା ନଜରକୁ ଆସିବା ପରେ ,ଏହି କେନ୍ଦ୍ରକୁ ଉଠାଇ ନିଆଜିବ ଓ ରାଂଚି ସହ ଏହାକୁ ସାମିଲ୍ କରିଦିଆଜିବ ବୋଲି ଖବର ଆସିବା ପରେ ଏହା ବିରୋଧରେ ଆନ୍ଦୋଳନ ତେଜିଛି। ତେବେ ରାଉରକେଲା ବିଜେଡି ପକ୍ଷରୁ ଏହାର ପ୍ରତିବାଦ କରାଯାଇଥିଲେ ବି ଏହାକୁ କାହିଁକି ଏଠାରେ ରଖାଜିବ ତାହା ବିଜେଡି ଷ୍ପଷ୍ଟ କରିନାହିଁ । ତେବେ ମ୍ୟାଲେରିଆର ପ୍ରକୋପ ଏବେବି ରହିଛି,ଏହାର ପରୀକ୍ଷା ବିଭିନ୍ନ ଡାକ୍ତରଖାନାରେ ହେବା ସହ ଶେଷ ମୁହୂର୍ତ୍ତରେ ଏହି ଗବେଷଣା କେନ୍ଦ୍ରକୁ ପରୀକ୍ଷା ଲାଗି ଆସୁଛି ଓ ଲୋକେ ଏଥିରୁ ସୁଫଳ ପାଉଛନ୍ତି । ୨୦୧୬ର ରିପୋର୍ଟ ଅନୁଶାରେ ଓଡିଶାରେ ୭୨ ଲକ୍ଷରୁ ଅଧିକ ରକ୍ତ ନମୁନା ନିଆଯାଇଥିବା ବେଳେ, ସେଥିରୁ ୪ଲକ୍ଷ ୪୪ ହଜାର ୮୪୩ ପଜିଟିଭ ବାହାରି ୭୭ ଜଣ ମୃତ୍ୟୁ ବରଣ କରିଥିଲେ । ତେଣୁ ଏହାକୁ ସ୍ଥାନାନ୍ତର କରାନଯାଉ ବୋଲି ଶ୍ରୀ ପଟ୍ଟନାୟକ ଯୁକ୍ତି ବାଢିଛନ୍ତି । ସେହିଭଳି ଏଠାରେ କାର୍ଯ୍ୟରତ ୬୦ କର୍ମଚାରୀଙ୍କର ଏଠାରୁ ହଠାତ ରାଜ୍ୟ ବାହାରକୁ ହୋଇଥିବା ବଦଳି ଉପରେ ମଧ୍ୟ ଶ୍ରୀ ପଟ୍ଟନାୟକ ସରକାରଙ୍କୁ ଆଉଥରେ ବିଚାର କରିବାକୁ ଦାବି କରିଛନ୍ତି । କାରଣ ନିୟମ ଅନୁଶାରେ ଅବସର ନେବାକୁ ଯାଉଥିବା କର୍ମଚାରୀ ଚାକିରୀ ଶେଷ ସମୟରେ ନିଜ ଜିଲ୍ଲା କିମ୍ବା ରାଜ୍ୟରେ ରହିବା କଥା । ଏନେଇ ରାଜ୍ୟ ସରକାରଙ୍କ ସମେତ କେନ୍ଦ୍ର ବିଭାଗୀୟ ମନ୍ତ୍ରୀଙ୍କୁ ସଂଗଠନ ପକ୍ଷରୁ ଚିଠି ଲେଖା ଯାଇ ଅନୁରୋଧ କରାଯାଇ ନ୍ୟାୟ ଆଶାରେ ଅପକ୍ଷା କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି । ଅନ୍ୟ ପକ୍ଷରେ ସାଂସଦ ଜୁଏଲ ଓରାମ କହିଛନ୍ତି, ସେ ଏଥିଲାଗି ଉଦ୍ୟମ କରିବେ । ଯଦି ନ୍ୟାୟ ନମିଳେ ତେବେ ଆଇନର ଆଶ୍ରୟ ନେବାକୁ ସଂଗଠନ ବାଧ୍ୟ ହେବ ବୋଲି କୁହାଯାଇଛି ।

ସାମନ୍ତରାପୁର ପଂଚାୟତରେ ନୂତନ ହିତାଧିକାରୀଙ୍କୁ ଭତ୍ତା ବଂଟନ

ଧର୍ମଶାଳା,୩୧।୧ (ନି.ପ୍ର): ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକର ୧୦ ଗୋଟି ପଂଚାୟତର ନୂତନ ହିତାଧିକାରୀଙ୍କୁ ନୂତନ ଭାବେ ଭତା ବଂଟନ କରାଯାଇଛି । ଏହି ଅବସରରେ ସାମନ୍ତରାପୁର ପଂଚାୟତ କାର୍ଯ୍ୟାଳୟ ପରିସରରେ ଏକ ଭର୍ତ୍ତା ବଂଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ସାମନ୍ତରାପୁର ସରପଂଚ ଅଭିମନ୍ୟୁ ମହାଳିକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଓ ସମ୍ମାନୀତ ଅତିଥିଭାବେ ରସୁଲପୁର ବ୍ଲକ ଉନ୍ନୟନ ଅଧିକାରୀ ଉମାକାନ୍ତ ପରିଡା ଯୋଗ ଦେଇ ହିତାଧିକାରୀଙ୍କୁ ଭତା ବଂଟନ କରିଥିଲେ । ବନ୍ଧଡିହ, ବ୍ରହ୍ମବରଦା, ମହେଶ୍ୱରପୁର, ମଙ୍ଗରାଜପୁର, ଅର୍ଥଙ୍ଗା, ସାମନ୍ତରାପୁର, ଅତଲାପୁର, ରାଜେନ୍ଦ୍ରପୁର, ରାଉତରାପୁର, ପ୍ରଥମାଖଣ୍ଡ ଆଦି ୧୦ ଗୋଟି ପଂଚାୟତର୧୬୮ ଜଣ ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀଙ୍କୁ ଭତା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ

ଶବର ସାଥୀ କାର୍ତ୍ତିକ ବାରିକଙ୍କୁ ସମ୍ବର୍ଦ୍ଧିତ କଲେ କେନ୍ଦ୍ରମନ୍ତ୍ରୀ

ବସ୍ତା,୩୧।୧(ନିପ୍ର): ସିଂଲାଥାନା ସଦରବ୍ଲକ ମହକୁମା ସାର୍ଥା ଗ୍ରାମର ସ୍ୱର୍ଗତ କୌଳାଶ ବାରିକଙ୍କ ପୁତ୍ର ୫ହଜାର ୧୧୪ଟି ଶବ (ଡେଡ୍ ବଡି)କୁ ନିଜ ଟେମ୍ପୁରେ ବହି ଠିକଣା ଯାଗାରେ ପହଞ୍ଚାଇ ବା ଘଟଣା ଗଣମାଧ୍ୟମରେ ପ୍ରକାଶପାଇବା ପରେ ବିଭିନ୍ନ ଯାଗାରୁ ତାଙ୍କୁ ସମ୍ବର୍ଦ୍ଧନା ଦେବା ସହିତ ଆଜି ବାଲେଶ୍ୱର ସାଂସଦ କେନ୍ଦ୍ରମନ୍ତ୍ରୀ ପ୍ରତାପଚନ୍ଦ୍ର ସଡଙ୍ଗୀ ନିଳଗିରି ତାଙ୍କ ବାସଭବନକୁ ଡକାଇ ତାଙ୍କର ଭଲମନ୍ଦ ବୁଝିଥିଲେ ଓ ତାଙ୍କୁ ସାଲ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ । ତେବେ ୧୯ଶହ୯୬ମସିହା ଠାରୁ ୨୦୨୧ପର୍ଯ୍ୟନ୍ତ ଶବ ବହିବା କାମକୁ ଦୈନିକ ବୃତ୍ତି ଭାବେ ଆପଣେଇ ଛନ୍ତି । କରୋନା ସମୟରେ ପରସ୍ପର ସମଦୂରତା ରକ୍ଷାକରିବା କାହିରିକୁ ନ ଛୁଇଁବା ପାଇଁ ସରକାର ପକ୍ଷରୁ ଆଦେଶନାମା ଥିଲେ ମଧ୍ୟ ସେ ସବୁକୁ ଖାତିର ନକରି ପରିବାର ଲୋକଙ୍କ ଅନିଚ୍ଛା ସତ୍ତ୍ୱେ ଅଧିକାଂଶ ସମୟରେ ବସ୍ତା ବଜାରରେଥିବା ଦୋକାନ ପିଣ୍ଡାରେ ରାତ୍ରୀଯାପନ କରିଛନ୍ତି । ବାପା କୌଳାସ ଙ୍କ ୫ପୁତ୍ରଅଛନ୍ତି ହେଲେ ବାପାଙ୍କ ମୃତ୍ୟୁପରେ ସବୁଭାଇମାନେ ଭିନେ ହୋଇଗଲେ ମା ରେଣୁକା ସ୍ତ୍ରୀ ରେବତୀ ପୁଅ ଚିନ୍ମୟ ଝିଅ ସରୋଜିନୀ ୫ପ୍ରାଣିକୁଟୁମ୍ବ । ହେଲେ ଅର୍ଥ ଅଭାବରୁ ଶେଷରେ ଜଣେ ଗାଡି ମାଲିକ ନିକଟରେ ହେଲପର ଚାକିରିଟିଏ କରି ଯାହା ଆଣିଲେ ନିଜ ଗୁଜୁରାଣ ମେଣ୍ଟାଇବା କାଠିକର ହୋଇପଡୁଥିଲା । ହେଲେ ତାଙ୍କର ସମାଜପାଇଁ କିଛି କରିବାର ମନବୃତି ଦୃଢ ଇଚ୍ଛାଶକ୍ତି ପାଇଁ କିଛି ଅର୍ଥ କରଜରେ ଆଣି ଟେମ୍ପୁ ଆଣି ରୋଗୀ ମାନଙ୍କୁ ମେଡିକାଲକୁ ଆଣି ପୁଣି ଠିକଣା ଯାଗାରେ ପହଞ୍ଚାଇବା ତାଙ୍କର ନିତିଦିନିଆ କାର୍ଯ୍ୟ ହୋଇପଡିଛି । ହେଲେ ଏହିଖବର ଗତ୧୫।୧ରେ ପେପର ରେ (ଶବ ମଣିଷ କାର୍ତ୍ତିକ) ବିଷୟ ପ୍ରକାଶ ପାଇବାପରେ ବସ୍ତାଥାନା ହଳଦୀପଦା ୟୁଥ କ୍ଲବ ପକ୍ଷରୁ ସମ୍ବୋଦ୍ଧନା ପରେ ଆଜି କେନ୍ଦ୍ର ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ସଡଙ୍ଗୀ ନିଳଗିରିସ୍ଥ ଗୋପିନାଥପୁର ଶାସନ ଧୋବଶୀଳା ଗ୍ରାମ ତାଙ୍କ ବାସଭବନରେ ଫୁଲତୋଡା ଓ ସାଲ ଦେଇ ତାଙ୍କର ଏହି ମହତ୍ୱ କାର୍ଯ୍ୟକୁ ସାବାସୀ ଦେଇଥିଲେ । ଏଥି ସହ ଦୀନବନ୍ଧୁ ବେହେରା ତାଙ୍କ ସାଥୀରେ ଥିଲେ । ବାରିକ ଙ୍କ ଏହି କାର୍ଯ୍ୟରେ ତାଙ୍କୁ ବିଭିନ୍ନ ସ୍ୱେଚ୍ଛାସେବି ସଂଗଠନଠୁ ଆରମ୍ଭକରି ରାଜନୈତିକ ନେତା ମାନଙ୍କର ପ୍ରିୟଭାଜନ ହେବା ସହିତ ଶୁଭେଚ୍ଛାର ବାର୍ତ୍ତା ତାଙ୍କ ନିକଟକୁ ଛୁଟିଛି ।ତାଙ୍କର ଏହି ମହାନ କାର୍ଯ୍ୟକଳାପର ସମସ୍ତ ଘଟଣା ବସ୍ତାର ସାମ୍ବାଦିକ ବିଜୟ କୁମାର ଭୂୟାଁ ସରକାର ତଥା ଅଞ୍ଚଳ ବାସି ପାଖରେ ପହଞ୍ଚାଇ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ବୋଲି କାର୍ତ୍ତିକ ଲୁହଛଳଛଳ ଆଖିରେ ମନ୍ତ୍ରୀ ପ୍ରତାପଚନ୍ଦ୍ର ସଡଙ୍ଗୀଙ୍କ ନିକଟରେ ପ୍ରକାଶ କରିଥିଲେ ମନ୍ତ୍ରୀ ତାଙ୍କୁ ଆଶ୍ୱାସନା ଦେଇ ତାଙ୍କକଥା ବୁଝିବେ ବୋଲି ପ୍ରକାଶ କରିଥିଲେ ।

ଡମଣା-ପଟିଆ ରାସ୍ତାରେ ୨ ଯୁବକଙ୍କ ଗୁଣ୍ଡାଗିରି

ଭୁବନେଶ୍ୱର,୩୧।୦୧ (ନି.ପ୍ର): ଡମଣା-ପଟିଆ ରାସ୍ତାରେ ୨ ଯୁବକଙ୍କ ଗୁଣ୍ଡାଗିରି। ବାଇକ୍‌ରେ ଯାଉଥିବା ଅନ୍ୟ ଜଣଙ୍କୁ ଅଟକାଇ ପିଟିଲେ ୨ ଯୁବକ।୨ ଯୁବକଙ୍କ ମାଡ଼ରେ ବାଇକ୍ ଆରୋହୀ ଯୁବକ ରକ୍ତାକ୍ତ ହୋଇଛି। ରକ୍ତାକ୍ତ ଯୁବକଙ୍କୁ ଲୋକଙ୍କ ସହାୟତାରେ ଉଦ୍ଧାର କଲା ପୁଲିସ। ଆକ୍ରମଣ କରି ଦୌଡ଼ି ପଳାଉଥିବା ଜଣେ ଯୁବକଙ୍କୁ ଧରିଲେ ଲୋକେ। ଅନ୍ୟ ଜଣେ ଯୁବକ ଘଟଣାସ୍ଥଳରୁ ଖସି ପଳାଇଛି। ଯୁବକଙ୍କୁ ଆକ୍ରମଣର କାରଣ ସ୍ପଷ୍ଟ ଜଣାପଡ଼ିନି।

ଗଡଚଣ୍ଡୀ ସାଂସ୍କୃତିକ ପରିଷଦର ରୌପ୍ୟ ଜୟନ୍ତି ପାଳିତ

ଖଇରା,୩୧/୧(ନିପ୍ର) ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କୁପାରୀ ଅମ୍ବିକା ଆଶ୍ରମ ପରିସରରେ ଗଡଚଣ୍ଡି ସାଂସ୍କୃତିକ ପରିଷଦ ଦ୍ୱାରା ରୌପ୍ୟ ଜୟନ୍ତି ସମାରୋହ ଅନୁଷ୍ଠିତ ହୋଇଯାଇଛି । ସକାଳ ୮ଘଟିକା ସମୟରେ ଶୂନ୍ୟ ମଣ୍ଡପ, ମା ଅମ୍ବିକା, ବାସୁଳୀ,କୁପେଶ୍ୱର, ମଙ୍ଗଳା, ଜଗନ୍ନାଥ, ନୃସିଂହ ମଠ ଠାରେ ପୂଜା ଅର୍ଚ୍ଚନା ଶୂନ୍ୟ ମଣ୍ଡପ ବାବାଙ୍କ ଦ୍ୱାରା ପରିଷଦ କାର୍ଯ୍ୟାଳୟ ଠାରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ୯ଘଟିକା ସମୟରେ ପରିଷଦର ଧ୍ୱଜା ଉତ୍ତଳନ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଉତ୍କଳ ବନ୍ଦନା କରାଯାଇଥିଲା । ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଅଶ୍ଟକଣା ବିଶ୍ୱାଳ ବେଦ ପାଠ କରିଥିଲେ । ଅତିଥି ପରିଚୟ ଲକ୍ଷ୍ମୀଧର ସ୍ୱାଇଁ କରିଥିବାବେଳେ ପରିଷଦର ମୂଖପତ୍ର 'କୃପା ଚାର୍ଯ୍ୟ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।ଏହି ଅବସରରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହି ଯୋଗଦେଇ ସାମ୍ବାଦିକ, ଅଙ୍ଗନୱାଡି କର୍ମୀ, ପୁରାତନ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗଡଚଣ୍ଡି ସାଂସ୍କୃତିକ ପରିଷଦର ସଭାପତି ଶରତ କୁମାର ବିଶ୍ୱାଳଙ୍କୁ ତାଙ୍କର ଉଲେଖନୀୟ ଅବଦାନ ପାଇଁ ପରିଷଦର କର୍ମକର୍ତ୍ତା ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ । ବରିଷ୍ଠ ସାମ୍ବାଦିକ ବଳରାମ ପଣ୍ଡାଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିବା ଅବସରରେ ତାଙ୍କର ଆୟୁଆରୋଗ୍ୟ କାମନା କରିଥିଲେ। ଆଲୋଚିକା ଡାଃ ମଧୂସ୍ମିତା ବେହେରା କୋଭିଡ-୧୯ର ଭୟାବହତାରୁ ରକ୍ଷା ଏବଂ ବର୍ତ୍ତମାନ ଟିକାକରଣକୁ ଲକ୍ଷ ରଖି ବରିଷ୍ଠ ନାଗରିକମାନଙ୍କ ପାଇଁ କିଛି ଉଲ୍ଲେଖନୀୟ ବାର୍ତ୍ତା ଓ ପରାମର୍ଶ ପ୍ରଦାନ କରିଥିଲେ ।

ଗ୍ରାମପଂଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ବିଭିନ୍ନ ଦାବି ନେଇ ଆଲୋଚନା

ଜଳେଶ୍ୱର, ୩୧/୧ (ନିପ୍ର) : ରାଜ୍ୟରେ ବିଭିନ୍ନ ଗ୍ରାମପଂଚାୟତ ମାନଙ୍କରେ ରହିଥିବା ୪ର୍ଥ ଶ୍ରେଣୀ କର୍ମଚାରୀ ମାନେ ଅବହେଳିତ ଅବସ୍ଥାରେ ରହିଥିବା ନେଇ ଆଜି ରବିବାର ପୂର୍ବାହ୍ନରେ ଏକ ବୈଠକରେ କ୍ଷୋଭ ପ୍ରକାଶ ପାଇଛି। ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧିନ ରାଜପୁର ପଂଚାୟତ ସଭାଗୃହରେ ଅନୁଷ୍ଠିତ ବୈଠକରେ ସରପଂଚ ଦିଲ୍ଲୀପ କୁମାର ପରିଡା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ବର୍ତ୍ତନା ସରପଂଚ ପଦ୍ମଲୋଚନ ବେହେରା ଯୋଗ ଦେଇ ପୂର୍ବରୁ ସରକାରଙ୍କ ନିକଟରେ ୪ଥ ଶ୍ରେଣୀ କର୍ମଚାରୀମାନେ ବିଭିନ୍ନ ଦାବୀ ଜଣାଇଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନଥିବା ଦୁଃଖର ବିଷୟ ବୋଲି କହିଥିଲେ । ଓଡିଶା ଗ୍ରାମ ପଂଚାୟତ କର୍ମଚାରୀ ସଂଘ ବାଲେଶ୍ୱର ଜିଲା ସଂପାଦକ ଗଂଗାଧର ବେହେରା ଯୋଗ ଦେଇ ସମାନ କାମକୁ ସମାନ ଦରମା, ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ଅନୁଯାୟୀ ସର୍ବନିମ୍ନ ମଜୁରୀ ୩୦୮ଟଙ୍କା ପ୍ରଦାନ, ଚାକିରୀର ସୁରକ୍ଷା ଓ ସ୍ଥାୟିତ୍ୱ, ପେନ୍‌ସନ ପ୍ରଦାନ ଓ ସରକାରୀ ମାନ୍ୟତା ପ୍ରଦାନ କରାଯିବାକୁ ସରକାରଙ୍କ ନିକଟରେ ଦାବୀ ଉତ୍‌ଥାପନ କରିଥିଲେ । ଏଥିରେ ବିଭିନ୍ନ ପଂଚାୟତରୁ ଆସିଥିବା ୪ର୍ଥ ଶ୍ରେଣୀ କର୍ମଚାରୀମାନେ ସେମାନଙ୍କ ପେଟପାଟଣାକୁ ସରକାର ସମ୍ମାନ ଦେବା ନେଇ ଦାବୀ କରିଥିଲେ ।

ଦୁର୍ଘଟଣାରେ ପରିବା ବ୍ୟବସାୟୀଙ୍କର ମୃତ୍ୟୁ

ଖଇରା,୩୧/୧(ନିପ୍ର) ଗତକାଲି ରାତିରେ ଗଣ୍ଡିବେଡ ବଜାରରୁ ପରିବା ବ୍ୟବସାୟୀ ସାରି ଦାନ୍ତିଆ ଅଚଂଳରେ ରାମଚନ୍ଦ୍ର ସାହୁ (୬୦)ସାଇକେଲରେ ଘରକୁ ଫେରୁଥିଲେ ।ହଠାତ୍ ଦାନ୍ତିଆ ଗଣ୍ଡିବେଡ ରାସ୍ତା ମଝିରେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା ।ଫଳରେ ରାମଚନ୍ଦ୍ର ରକ୍ତ କୁଡୁବୁଡୁ ଅବସ୍ଥାରେ ରାସ୍ତାରେ ପଡିଥିବାବେଳେ ସ୍ଥାନୀୟ ଅଚଂଳବାସୀ ଉଦ୍ଧାର କରି ସୋର ମେଡିକାଲ କୁ ନେଇଥିଲେ । ସେଠାରେ ।ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ମେଡିକାଲ କୁ ସ୍ଥାନାନ୍ତର ହୋଇଥିଲେ । ସେଠାରେ ତାଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ପ୍ରକାଶ ଥାଉ କି ରାମଚନ୍ଦ୍ର ଦୀର୍ଘ ୨୦ ବର୍ଷଧରି ଗଣ୍ଡିବେଡ ବଜାରରେ ପରିବା ବ୍ୟବସାୟୀ କରି ପରିବାର ପ୍ରତିପୋଷଣ କରିଥିଲେ ।ସେ ଗଣ୍ଡିବେଡ ବଣିକ ସଂଘର ସକ୍ରିୟ ଭାବେ ସଭ୍ୟଥିଲେ । ତାଙ୍କ ମୃତ୍ୟୁରେ ଗଣ୍ଡିବେଡ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

ମା ମଙ୍ଗଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବାଲିଆପାଳ,୩୧।୦୧ (ନି.ପ୍ର): ବାଲିଆପାଳ ବ୍ଲକ କୁମ୍ଭାରୀ ପଂଚାୟତ ତାପୁଣ୍ଡିଆ ଘୋଡାବିନ୍ଧା ପଡିଆରେ ଅନୁଷ୍ଠିତ ହୋଇଥିବା ମଙ୍ଗଳାମାତା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟ ୨୫ ତାରିଖରୁ ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ମୋଟ ୮ଟି ଟିମ ଅଂଶଗ୍ରହଣ କରିଥିବା ବେଳେ । ଫାଇନାଲ ମ୍ୟାଚ ରାସଗୋବିନ୍ଦପୁର ଓ ନନ୍ଦିନୀ -୧୧ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ ଜିତି ନିର୍ଦ୍ଧାରିତ ୨୫ ଓଭରରେ ୨ ଉଇକେଟ ହରାଇ ନନ୍ଦିନୀ -୧୧ ଷ୍ଟାର ୨୨୮ ରନ କରିଥିବା ବେଳେ ରାସଗୋବିନ୍ଦପୁର ଟିମ ୧୯ ଓଭର ଖେଳି ସମସ୍ତ ଉଇକେଟ ହରାଇ ମାତ୍ର ୧୧୫ କରିବାରେ ସକ୍ଷମ ହୋଇଥିଲା ନନ୍ଦିନୀ-୧୧ ଷ୍ଟାର ୧୧୩ ରନରେ ବିଜୟ ଲାଭ କରିଥିଲା । ଅମ୍ପେୟାର ଭାବେ ଅନଙ୍ଗ ଜେନା ଓ ଲକ୍ଷ୍ମୀଧର ପ୍ରଧାନ ଖେଳ ପରିଚାଳନା କରିଥରଲେ । ଉଦଯାପନି ମ୍ୟାଚକୁ ସମାଜସେବୀ ତଥା ରେବତୀ ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା ଉଦଘାଟନ କରିଥିବା ବେଳେ, ଉଦଯାପନି ଉତ୍ସବରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ଜିଲ୍ଲାପରିଷଦ ସଦସ୍ୟ ରବିନ୍ଦ୍ରନାଥ ଅଣ୍ଡିଆ, ପ୍ରମୁଖ ପରିଚାଳନା କରିଥିଲେ ।

ଫକୀର ମୋହନ ବଣିକ ସଂଘର ସଭାପତି ହେଲେ ଆଇନ୍‌ଜୀବୀ କୈଳାସ ସାହୁ

ପାରାଦୀପ,୩୧।୦୧ (ନି.ପ୍ର): ପାରାଦୀପ ମଧୁବନସ୍ଥିତ ଫକୀର ମୋହନ ମାର୍କେଟ(କେବିନ୍ ମାର୍କେଟ)ର ସଭାପତି ଭାବେ ଆଇନ୍‌ଜୀବୀ କୈଳାସ ସାହୁ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି । ଏହି ପରିପ୍ରେକ୍ଷିରେ ଅନୁଷ୍ଠିତ ବୈଠକରେ ତୋଫାନ କୁମାର ସେନାପତି ସଭାପତିତ୍ୱ କରିଥିଲେ । କାର୍ଯ୍ୟକାରୀ ସଭାପତି ଭାବେ ଉଜ୍ଜଳ କୁମାର ସାହୁ, ଉପସଭାପତି ଭାବେ ତୋଫାନ ସେନାପତି, ସାଧାରଣ ସଂପାଦକ ସଂଜୟ କୁମାର ସୂତାର, ସହ-ସଂପାଦକ ପ୍ରଶାନ୍ତ କୁମାର ସ୍ୱାଇଁ ଓ କୋଷାଧକ୍ଷ ଭାବେ ଅରବିନ୍ଦ ସ୍ୱାଇଁ ମନୋନୀତ ହୋଇଛନ୍ତି ।

ମନ୍ତ୍ରୀ ଓ ଉପାଧକ୍ଷଙ୍କର କୁପାରୀ ଅଚଂଳରେ ମାରାଥନ ଶୁଭ ଶିଳାନ୍ୟାସ

ଖଇରା,୩୧/୧(ନିପ୍ର) ଚାରି ଜିଲ୍ଲାର କେନ୍ଦ୍ର ସ୍ଥଳ କୁପାରି ଏକ ବୌଦ୍ଧକୀର୍ତ୍ତିର ପର୍ଯ୍ୟଟନ ସ୍ଥଳ ଭାବରେ ଖ୍ୟାତି ଅର୍ଜନ କରିଛି । କେନ୍ଦୁଝର,ଭଦ୍ରକ,ମୟୁରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ଯୋଗାଯୋଗ କ୍ଷେତ୍ରରେ ଦାୟିତ୍ୱ ନିର୍ବାହ କରୁଥିବା କୁପାରୀ ବସ ଷ୍ଟାଣ୍ଡ ର ନବୀକରଣ ପରେ ଦୀର୍ଘଦିନ ଧରି ଲାଗିରହିଥିବା ସମସ୍ୟା ଦୂର ହୋଇଛି ।ଏହି ବସଷ୍ଟାଣ୍ଡ ରେ ବିଭିନ୍ନ ସ୍ଥାନରୁ ଆସୁଥିବା ଯାତ୍ରୀ ମାନେ ଶୌଚାଳୟ ନଥିବାରୁ ବହୁ ସମସ୍ୟାରେ ସମ୍ମୁଖିନ ହେଉଥିଲେ ।ଏଥିନେଇ ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ ମନ୍ତ୍ରୀ ଙ୍କ ସମେତ ସରକାର ଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ।ସରକାର ତରଫରୁ ଏଥିପାଇଁ ୭ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଥିଲା ।ଏହି ଅର୍ଥରେ ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ ନେତୃତ୍ୱରେ କାର୍ଯ୍ୟ ଆରମ୍ଭ ହୋଇଥିଲା ଏହି ଶୌଚାଳୟରେ ଏକା ସମୟରେ ୫ଜଣ ପୁରୁଷ,୫ଜଣ ମହିଳା ବ୍ୟବହାର କରିପାରିବେ । ଯାହାଫଳରେ ଦୀର୍ଘଦିନ ସମସ୍ୟା ଦୁର ହୋଇଛି ।ସେହିପରି ଦୀର୍ଘଦିନ ଧରି ପରିତ୍ୟକ୍ତ ହଦପୋଖରୀ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟ କରଣ ପାଇଁ ୮ଲକ୍ଷ,ଅମ୍ବିକା ଆଶ୍ରମ ପରିସରରେ ୩ଲକ୍ଷ ଟଙ୍କାରେ ଗୋଷ୍ଠି ଶୌଚାଳୟ,୩ଲକ୍ଷ ଟଙ୍କାର ପଥରପଦା ଠାରେ ନବନିର୍ମିତ କୋଠଘର ଲୋକାର୍ପଣ ହୋଇଯାଇଛି । ଏଥିରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଙ୍କ ସମେତ,କୁପାରୀ ସରପଚଂ ଭବଜ୍ୟୋତ୍ସ୍ନା ନାୟକ,ସମିତି ସଭ୍ୟ ସୁନିତା ସାହୁ,ଯୁବ ନେତା ଅକ୍ଷୟ କୁମାର ଜେନା, ଜିଲ୍ଲା ପରିଷଦ ସଭ୍ୟା କଳ୍ପନା ନାଇକ, ରବିନ୍ଦ୍ର କୁମାର ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସହଯୋଗ କରିଥିଲେ ।

ଟ୍ରେନରେ କଟିଗଲେ ୩ ହରିଣ

କଟକ,୩୧।୦୧ (ନି.ପ୍ର): ଟ୍ରେନରେ କଟିଗଲେ ୩ ହରିଣ । କଟକ-ପାରାଦୀପ ରେଳପଥର ସାଳିଜଙ୍ଗା ତିନିପୋଲିଆ ନିକଟରେ ୩ଟି ହରିଣ କଟିଯାଇଥିବା ଜଣାପଡିଛି । ବିଳମ୍ବିତ ରାତିରେ ଟ୍ରେନ ଲାଇନ ପାର ହେଉଥିବାବେଳେ ହରିଣ ୩ଟି ଟ୍ରେନ୍‌ରେ କଟିଯାଇଥିଲେ । ହରିଣମାନେ ନିକଟସ୍ଥ ଧଳତଙ୍ଗଗଡ଼ ଜଙ୍ଗଲରୁ ମୁଗ କିଆରିକୁ ଚରିବା ପାଇଁ ଟ୍ରେନ ଲାଇନ ପାର ହେଉଥବାବେଳେ ଏହି ଅଘଟଣ ଘଟିଥିଲା । ପୂର୍ବରୁ ମଧ୍ୟ ଅନେକଥର ଟ୍ରେନରେ କଟି ହରିଣଙ୍କ ମୃତ୍ୟୁ ହୋଇଛି । ହରିଣଙ୍କ ସୁରକ୍ଷା ଲାଗି ବନବିଭାଗ ପକ୍ଷରୁ ପଦକ୍ଷେପ ନେବା ଜରୁରୀ ହୋଇ ପଡିଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଫେବୃଆରୀ ୭ରେ.....

(ଆଇଓସିଏଲ) ହଳଦିଆ ରିଫାଇନାରୀର ଦ୍ୱିତୀୟ କାଟାଲିଟିକ୍ ଡ଼ିଓ୍ୱାକ୍ସିଂ ୟୁନିଟର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ମୋଦି ଦେଶରେ ଶାସନ ଦାୟିତ୍ୱରେ ରହିବା ପରେ ଭାରତକୁ ଗ୍ୟାସ ଆଧାରିତ ଅର୍ଥନୀତି କରିବାର ଲକ୍ଷ୍ୟ ରଖିଛନ୍ତି । ପଶ୍ଚିମବଙ୍ଗ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ୩୪୭ କିଲୋମିଟର ଲମ୍ବ ଧୋବି-ଦୁର୍ଗାପୁର ପ୍ରାକୃତିକ ଗ୍ୟାସ ପାଇପଲାଇନର ଲୋକାର୍ପଣ କରିବେ । ଫଳରେ ପଶ୍ଚିମବଙ୍ଗରେ ପ୍ରଥମ ଥର ପାଇଁ ପାଇପରେ ଗ୍ୟାସ ଆସିବ । ଏହି ଧୋବି- ଦୁର୍ଗାପୁର ଗ୍ୟାସ୍ ପାଇପଲଇନ ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ପ୍ରକଳ୍ପର ମହତ୍ୱକାଂକ୍ଷୀ ପ୍ରକଳ୍ପ । ଏହି ପାଇପଲାଇନ ୨୪୩୩ କୋଟି ବ୍ୟୟରେ ଗେଲ୍ ଦ୍ୱାରା ନିର୍ମାଣ କରାଯାଇଛି । ଏହି ପ୍ରକଳ୍ପ ମଧ୍ୟରେ ୧୫ ଲକ୍ଷ ମାନବ ଦିବସ ରୋଜଗାର ସୃଷ୍ଟି କରାଯାଇଛି । ଏହି ପାଇପଲାଇନ ଝାଡ଼ଖଣ୍ଡର ହଲ୍ଦି ସିନ୍ଦରି ସାର କାରଖାନାର ପନଃଉଦ୍ଧାର କରିବା ସହ ଏହି ପ୍ଲାଟ୍ ସମେତ ଶିଳ୍ପ, ବାଣିଜ୍ୟିକ ଏବଂ ଅଟୋମୋବାଇଲ କ୍ଷେତ୍ର ତଥା ଆଖପାଖର ପ୍ରମୁଖ ସହରକୁ ଗ୍ୟାସ ଯୋଗାଇବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସେହିପରି ପଶ୍ଚିମବଙ୍ଗ ଏବଂ ପୂର୍ବ ଭାରତର ଏଲପିଜି ଆବଶ୍ୟକତାକୁ ପୂରଣ କରିବା ପାଇଁ ପଶ୍ଚିମବଙ୍ଗରୁ ବିପିସିଏଲ ଦ୍ୱାରା ହଳଦିଆ ଠାରେ ୧୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏଲପିଜି ଇମ୍ପୋର୍ଟ ଟର୍ମିନାଲର ଲୋକାର୍ପଣ କରାଯିବ । ଏହି ଏଲପିଜି ଟର୍ମିନାଲ ପୂର୍ବାଂଚଳରେ ଏଲପିଜିର ବଢୁଥିବା ଚାହିଦାକୁ ପୂରଣ କରିବ ଏବଂ ପ୍ରତ୍ୟେକ ପରିବାରକୁ ସ୍ୱଚ୍ଛ ରନ୍ଧନ ଏଲପିଜି ଯୋଗାଇବା ପାଇଁ ଥିବା ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟକୁ ପୂରଣ କରିବାରେ ସାହାଯ୍ୟ କରିବ । ସମଗ୍ର ଭାରତବର୍ଷରେ ପ୍ରଧାନମନ୍ତ୍ରୀଙ୍କ ମହତ୍ୱକାଂକ୍ଷୀ ଉଜ୍ଜଳା ଯୋଜନାରେ ୮ କୋଟିରୁ ଊର୍ଦ୍ଧ୍ୱ ଗ୍ୟାସ ସଂଯୋଗ ହୋଇଥିବା ବେଳେ କେବଳ ପଶ୍ଚିମବଙ୍ଗରେ ଏହି ୮ କୋଟିର ୧୧ ପ୍ରତିଶତ ଅର୍ଥାତ୍ ୮୮ ଲକ୍ଷ ୫୧ ହଜାର ଗ୍ୟାସ ସଂଯୋଗ ହୋଇଥିବା ଧର୍ମେନ୍ଦ୍ର କହିଛନ୍ତି । ଏହାବ୍ୟତୀତ ଲୋକାର୍ପିତ ହେବାକୁ ଥିବା ଜାତୀୟ ରାଜପଥ- ୪୧ର ହଳଦିଆ ସ୍ଥିତ ରାଣୀଛକ ଠାରେ ୪ ଲେନ୍ ବିଶିଷ୍ଟ ଆରଓବି-କମ୍- ଫ୍ଲାଏଓଭର ପାଇଁ ୧୯୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଏହି ଫ୍ଲାଏ ଓଭରର କାର୍ଯ୍ୟକ୍ଷମ ହେବା ଦ୍ୱାରା କୋଲାଘାଟରୁ ହଳଦିଆ ଡକ୍ କମ୍ପ୍ଲେକ୍ସ ଏବଂ ଅନ୍ୟାନ୍ୟ ଆଖପାଖ ଅଂଚଳରେ ଟ୍ରାଫିକ୍ ଭିଡ ନିୟନ୍ତ୍ରଣ ସହ ଯାତାୟାତ ସହଜ ହେବ । ଅପରପକ୍ଷରେ ପ୍ରଧାନମନ୍ତ୍ରୀ ଇଣ୍ଡିଆନ ଅଏଲର ହଳଦିଆ ରିଫାଇନାରୀର ଦ୍ୱିତୀୟ କାଟାଲିଟିକ୍ ଡ଼ିଓ୍ୱାକ୍ସିଂ ୟୁନିଟର ଶିଳାନ୍ୟ

ସୋମବାର,୦୧ ଫେବୃୟାରୀ ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ତୁଷାର ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଭୁବନେଶ୍ୱର,୩୧।୦୧ (ନି.ପ୍ର): ଉତ୍ସବ-୨୦୨୧ ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେଇ ଟ୍ରଷ୍ଟର ନିୟମିତ ଭାବେ ଅନୁଷ୍ଠିତ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିବା ସହିତ ଏହି ଧାରା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ବାଚସ୍ପତି ଏହି ଅବସରରେ ଗୋଲକ ବିହାରୀ ନାୟକଙ୍କ ଅନୁବାଦିତ 'ଓଡ଼ିଶୀ ଛନ୍ଦରେ ଶ୍ରୀଗୀତଗୋବିନ୍ଦ' ପୁସ୍ତକର ଶୁଭ ଲୋକାର୍ପଣ କରିଥିଲେ। ଉତ୍ସବରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଲେ ଯେ, ମୋ ଜାଣିବାରେ ଟ୍ରଷ୍ଟର ସଦସ୍ୟମାନେ ଦୀର୍ଘ ୧୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସମାଜସେବାରେ ନିଜକୁ ମନୋନିବେଶ କରି ଆସିଛନ୍ତି। ଟ୍ରଷ୍ଟ ପରିବାର ସହିତ ତାଙ୍କର ସମ୍ପୃକ୍ତି ସମ୍ପର୍କରେ ଉଲ୍ଲେଖ କରିବା ସହିତ ଟ୍ରଷ୍ଟ ଦ୍ୱାରା ଆୟୋଜିତ ବହୁବିଧ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ଅନୁଷ୍ଠାନର କାର୍ଯ୍ୟଧାରାକୁ ଅଧିକ ଲୋକାଭିମୁଖୀ କରିବା ଦିଗରେ ଏହାର ସଦସ୍ୟମାନଙ୍କର ନିଷ୍ଠା ଓ ଆନ୍ତରିକତାର ଉଚ୍ଚପ୍ରଶଂସା କରିଥିଲେ। ଏହି ଅବସରରେ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକ ବଳରାମ ମହାନ୍ତି, ପରେଶ ନାୟକ, ପୂର୍ଣ୍ଣ ଦାସ, ସୁମିତ୍ରା ସାହୁ, ରାଜେଶ କୁମାର ସାହୁ, ଚିନ୍ମୟ ପଟ୍ଟନାୟକ, ଲୋହିତ ନାରାୟଣ ମହାପାତ୍ର, ଦେବଦର୍ଶିନୀ ଦେବକୀ ପରିଡ଼ା, ହରପ୍ରସାଦ ମହାପାତ୍ରଙ୍କୁ ତୁଷାରଶ୍ରୀ ନାରଦ ସମ୍ମାନ ପ୍ରଦାନ କରାଯାଇଥିଲା। ଭୁବନେଶ୍ୱରର ପ୍ରତିଷ୍ଠିତ ଅନୁଷ୍ଠାନ ନୟାପଲ୍ଲୀ ଦୁର୍ଗା ସମିତି, ଫନ୍ ଆଣ୍ଡ ଫିଟନେସ କ୍ଲବ, ନ୍ୟୁ ଏଜି କଲୋନୀ ରେସିଡ଼େନ୍ସ କ୍ଲବ ଏବଂ ଆଚାର୍ଯ୍ୟ ବିହାର ସ୍ପୋର୍ଟସ ଆଣ୍ଡ କଲଚର ଆସୋସିଏସନକୁ ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା। ଓଡ଼ିଆ ସଙ୍ଗୀତ ଓ କଳା କ୍ଷେତ୍ରରେ ନିଜର ପାରଦର୍ଶିତା ଲାଭ କରିଥିବା ବିଶିଷ୍ଟ ସଙ୍ଗୀତ ଶିଳ୍ପୀ ସୌରଭ ନାୟକ, ଅଭିନେତା ନବପ୍ରୀତ ଆରୋରା, ରେଡ଼ିଓ ଜକି ପି.କେ, ନିର୍ଦ୍ଦେଶକ ଦେବଜ୍ୟୋତି ପାତ୍ର, ଆରାଧ୍ୟା ମହାପାତ୍ର, ଜିତେନ୍ଦ୍ର ମାହନ୍ତି ଓ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଶୁଭକାନ୍ତ ମଲ୍ଲିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଆଲୁମୋନି ପକ୍ଷରୁ ୱେବିନାର ଚିତ୍ରକଳା ପ୍ରଦର୍ଶନୀ



ବାଲେଶ୍ୱର,୩୧।୦୧ (ନି.ପ୍ର): ବାଲେଶ୍ୱର ଆର୍ଟ ଏଣ୍ଡ କ୍ରାଫ୍ଟ କଲେଜ 'କଳାକ୍ଷେତ୍ର'ର ପୁରାତନ ଛାତ୍ର ପରିଷଦ ପକ୍ଷରୁ ଗତ ୨୬ ତାରିଖରୁ ଆରମ୍ଭ ହୋଇଛି ୱେବିନାର ଚିତ୍ରକଳା, ଭାସ୍କର୍ଯ୍ୟ ଓ ମୁଦ୍ରଣ କଳା ପ୍ରଦର୍ଶନୀ। କଳା ଓ କଳାକାର ଶୀର୍ଷକ ଏହି ପ୍ରଦର୍ଶନୀ ଦିବଂଗତ ଚିତ୍ରଶିଳ୍ପୀ ମନୀଷା ଦାସଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଛି। ଶିଳ୍ପୀମାନେ ନିଜର କଳାକୃତିକୁ ଫେସବୁକ, ହ୍ୱାଟ୍ସଆପ, ଟୁଇଟର, ଇନଷ୍ଟାଗ୍ରାମ ପ୍ରଭୃତିରେ ପ୍ରଚାର ପ୍ରସାର କରାଯାଉଛି। ଦୈନିକ ୫ ଜଣଙ୍କ କଳାକୃତି ପ୍ରଚାର ପ୍ରସାର ହେଉଥିବା ବେଳେ ମୋଟ ୧୧୦ ଜଣ ଚିତ୍ରଶିଳ୍ପୀଙ୍କର ୪୬୦ ଗୋଟି ଚିତ୍ର ପୋଷ୍ଟ କରାଯିବ ବୋଲି ଆଲୁମୋନି ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି। ଭାରତ ସମେତ ସମଗ୍ର ବିଶ୍ୱରେ ଏହି ଚିତ୍ରକଳା ପ୍ରଦର୍ଶନୀକୁ ପ୍ରଶଂସାର ସୁଅ ଛୁଟୁଛି ବୋଲି ଆଲୁମୋନିର କର୍ମକର୍ତ୍ତାମାନେ କହିଛନ୍ତି। ଉଲେଖନୀୟ ବିଷୟ ହେଲା ଶିଳ୍ପୀ ସ୍ୱର୍ଗତ ମନୀଷା ଦାସଙ୍କ ଚିତ୍ରକଳାକୁ ବି ଏଥିରେ ପ୍ରଦର୍ଶିତ କରାଯାଉଛି।

ପୁଷ୍ପ ପୂର୍ଣ୍ଣମୀ ସୁନାବେଶ ନୀତି ବିଳମ୍ବ ନେଇ ବୈଠକ

ପୁରୀ,୩୧।୦୧ (ନି.ପ୍ର): ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୁଷ୍ପ ପୂର୍ଣ୍ଣମୀ ଉପଲକ୍ଷେ ରତ୍ନ ସିଂହାସନ ଉପରେ ଅନୁଷ୍ଠିତ ହୋଇଯାଇଥିବା ସୁନାବେଶ ନୀତି ବିଳମ୍ବ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗର୍ଭ ଗୃହରେ ଦୁଇ ପକ୍ଷର ସେବାୟତ ମୁହାଁମୁହିଁ ଘଟଣାରେ ଶ୍ରୀ ଜୀଉଙ୍କ ନୀତିକାନ୍ତି ୫ ଘଂଟା ବିଳମ୍ବ ହୋଇଥିଲା। ଶ୍ରଦ୍ଧାଳୁ ମାନେ ରତ୍ନ ସିଂହାସନ ଉପରେ ଦୁର୍ଲ୍ଲଭ ସୁନାବେଶ ବା ରାଜରାଜେଶ୍ୱର ବେଶ ଦର୍ଶନ କରିପାରିନଥିଲେ । ନୀତି ବିଳମ୍ବ ଯୋଗୁଁ ଭକ୍ତ ମାନେ ମଧ୍ୟ ମହାପ୍ରସାଦ ପାଇପାରିନଥିଲେ । ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ସମର୍ଥ ବର୍ମା ଏ ସମ୍ପର୍କରେ ପୁଷ୍ପାଳକ ସେବାୟତଙ୍କ ସହିତ ଆଲୋଚନା କରିଥିଲେ । କେଉଁ ପରିସ୍ଥିତିରେ ବିଳମ୍ବ ହେଲା ସେ ସମ୍ପର୍କରେ ପୁଷ୍ପାଳକ ସେବାୟତଙ୍କ ମତାମତ ନେଇଥିଲେ ।

ନୋସିରେ ନବ କୋଲ୍ଲୁଲ ଓଡ଼ିଶୀ ସଂଗୀତ ଆସରର ୪ର୍ଥ ସଂଧ୍ୟା

ଓଡ଼ିଶୀ କଣ୍ଠଶିଳ୍ପୀ ସୁଶ୍ରୀ ଅନୁଜା ତାରିଣୀ ମିଶ୍ର ଶ୍ରୋତା ମନ ମୋହିଲେ

ବାଲେଶ୍ୱର,୩୧।୦୧ (ନି.ପ୍ର): ପ୍ରାୟ ବର୍ଷେ ପୁରିବାକୁ ଯାଉଛି ଭାରତୀୟ ଶାସ୍ତ୍ରୀୟ ସଂଗୀତର ବିଦୂଷୀ ଗୁରୁମା ସୁନନ୍ଦା ପଟ୍ଟନାୟକଙ୍କ ଇହଧାମ ଛାଡ଼ିବା । ଭାରତୀୟ ଶାସ୍ତ୍ରୀୟ ସଂଗୀତକୁ ତାଙ୍କର ଅତୁଳନୀୟ ଅବଦାନକୁ ଶାସ୍ତ୍ରୀୟ ସଂଗୀତ ଇତିହାସରେ ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ ହୋଇରହିବ। ଓଡ଼ିଶା ମାଟିର ସୁଯୋଗ୍ୟା କନ୍ୟା ଯଶସ୍ୱୀ କଣ୍ଠଶିଳ୍ପୀ ସୁନନ୍ଦା ପଟ୍ଟନାୟକଙ୍କୁ ନବ କୋଲ୍ଲୁଲ ଶାସ୍ତ୍ରୀୟ ସଂଗୀତ ଆସରର ଚତୁର୍ଥ ସଂଧ୍ୟାକୁ ସମର୍ପଣ କରି ଓଡ଼ିଶୀ ସଂଗୀତ ଆସର ନୋସିଲ୍ରା ଦ୍ୱାରା ଉତ୍କଳା ମୁକ୍ତମଂଚରେ ଆୟୋଜିତ ହୋଇଯାଇଛି । ଏହି ଆସରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଅତିଥି ଭାବେ ନୋସିର ପ୍ରତିନିଧି ଅମିତ ଗିରି, ଯୁବ ବିକାଶର ନିର୍ଦ୍ଦେଶକ ଗୋବିନ୍ଦ ଦଳାଇ, ନିୟମର ଶିକ୍ଷୟତ୍ରୀ ବାସନ୍ତୀ ବୁଗୁଡି ଓ ଯୁବ ସମାଜସେବୀ ରାଜେଶ ଗିରି ଯୋଗଦେଇ ଏଭଳି ଏକ ସୁନ୍ଦର ନବ କୋଲ୍ଲୁଲ ଶାସ୍ତ୍ରୀୟ ସଂଗୀତ ଆସରର ଆୟୋଜକମାନଙ୍କୁ ସାଧୁବାଦ ଦେବା ସହ ଆମ ଓଡ଼ିଶୀ ସଂଗୀତକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ଦରକାର ବୋଲି ମନ୍ତବ୍ୟ ପ୍ରଦାନ କରିଥିଲେ ଓ ଭାରତୀୟ ଶାସ୍ତ୍ରୀୟ ସଂଗୀତର ବିଦୂଷୀ ଗୁରୁମା ସୁନନ୍ଦା ପଟ୍ଟନାୟକଙ୍କୁ ସମ୍ମାନ ଜଣାଇ ଯୁବକଣ୍ଠଶିଳ୍ପୀମାନଙ୍କୁ ଆକର୍ଷିତ କରିବା ପାଇଁ ସଂସ୍କୃତି ବିଭାଗ ତରଫରୁ ତାଙ୍କର ଏକ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ ବୋଲି ମତବ୍ୟକ୍ତ କରିଥିଲେ। ଶିଳ୍ପୀ କେଶୁଦାସ ଅତିଥି ଓ ଶିଳ୍ପୀମାନଙ୍କୁ ମଂଚ ଆହ୍ୱାନ କରିଥିବା ବେଳେ ଆସରକୁ ସଂଯୋଜନା କରିଥିଲେ ଅଜିତାନନ୍ଦ ଦେବଗୋସ୍ୱାମୀ । ଆକାଶବାଣୀ ଓ ଦୂରଦର୍ଶନର ସ୍ୱୀକୃତି ପ୍ରାପ୍ତ ସୁନାମଧନ୍ୟା ଓଡ଼ିଶୀ କଣ୍ଠଶିଳ୍ପୀ ସୁଶ୍ରୀ ଅନୁଜା ତାରିଣୀ ମିଶ୍ର ରାଗ କଲ୍ୟାଣରେ ଶାସ୍ତ୍ରୀୟ ସଂଗୀତ ପରିବେଷଣ କରି ଶ୍ରୋତା ମାନଙ୍କ ମନ ମୋହିଥିବା ବେଳେ ଯୁବ ମର୍ଦଳ ବାଦ୍ୟଶଶିଳ୍ପୀ ବୁଦ୍ଧନାଥ ସ୍ୱାଇଁ ଏକକ ମର୍ଦଳ ବାଦ୍ୟ ପରିବେଷଣ କରିଥିଲେ ।

ବକ୍ସି ଜଗବଂଧୁ ଏକ୍ସପ୍ରେସକୁ ନେଇ ଖୋର୍ଦ୍ଧାବାସୀଙ୍କ ଅପେକ୍ଷା

ଖୋର୍ଦ୍ଧା,୩୧।୦୧ (ନି.ପ୍ର): ପ୍ରତିବର୍ଷ ବଜେଟ୍‌ରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥକୁ ନେଇ ଚର୍ଚ୍ଚା ହୁଏ, ବଜେଟରେ ଏଥିପାଇଁ କିଛି ଅର୍ଥ ବ୍ୟୟବରାଦ ହୁଏ। ଏହାକୁ ନେଇ ଶାସକ ଦଳ ଓ ବିରୋଧୀଙ୍କ ମଧ୍ୟରେ କାଦୁଅ ଫୋପଡ଼ା ଫୋପଡ଼ି ହୁଏ। ତେବେ ବିଭିନ୍ନ କାରଣରୁ ଏ ରେଳପଥର କଛପ ଗତି ଲାଲମାଟି ଖୋର୍ଦ୍ଧାର ବାସିନ୍ଦାମାନଙ୍କୁ ନିରାଶ କରିଛି। ଏଥର ବଜେଟରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥରେ ଅଧିକ ବ୍ୟୟବରାଦ କରାଯାଇ ଯଥାଶୀଘ୍ର ଏହାକୁ ପୂର୍ଣ୍ଣାଙ୍ଗ କରାଯିବ ବୋଲି ଖୋର୍ଦ୍ଧାବାସୀ ଆଶାପ୍ରକାଶ କରୁଛନ୍ତି। ୨୦୧୭ ମସିହାରେ ପାଇକ ବିଦ୍ରୋହର ଦୁଇ ଶତ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାରୁ ମୁମ୍ବାଇ ଯାଉଥିବା ଏକ ଏକ୍ସପ୍ରେସ ଟ୍ରେନର ନାମକରଣ ବକ୍ସି ଜଗବଂଧୁ ଏକ୍ସପ୍ରେସ୍ କରାଯିବା ନେଇ ମୁଖ୍ୟମଂତ୍ରୀ ନବୀନ ପଟ୍ଟନାୟକ ଦାବି କରିଥିଲେ।ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧାବାସୀ ଆଶା କରୁଛନ୍ତି, ରେଳ ମଂତ୍ରଣାଳୟ ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବଂଧୁଙ୍କ ନାମରେ ଏକ ଏକ୍ସପ୍ରେସ ଟ୍ରେନର ନାମକରଣ କରିବେ।

ବରିଷ୍ଠ ନାଗରିକ ମାନଙ୍କୁ ବିଭିନ୍ନ ସୁବିଧା ପ୍ରଦାନ ଲାଗି ମଂଚ ପକ୍ଷରୁ ବୈଠକ

ଜଳେଶ୍ୱର, ୩୧/୧(ନିପ୍ର) : ବରିଷ୍ଠ ନାଗରିକମାନଙ୍କ ଲାଗି ସରକାର ବିଭିନ୍ନ ସୁବିଧା ସୁଯୋଗର ବ୍ୟବସ୍ଥା କରିଥିବା ବେଳେ ଜଳେଶ୍ୱର ବ୍ଲକରେ ତାହା ପ୍ରତିଫଳିତ ହେଉନଥିବା ଅଭିଯୋଗ ହୋଇଛି । ଶନିବାର ଅପରାହ୍ନରେ ଜଳେଶ୍ୱର ପୁର୍ତ୍ତବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ବରିଷ୍ଠ ନାଗରିକ ମଂଚର ବୈଠକରେ ସିଦ୍ଧେଶ୍ୱର ତ୍ରିପାଠୀ ସଭାପତିତ୍ୱ କରି ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ବୀମା, ରେଳଷ୍ଟେସନ ମାନଙ୍କରେ ବରିଷ୍ଠ ନାଗରିକଙ୍କ ଲାଗି ଉଦ୍ଦିଷ୍ଟ ସୁବିଧାସୁଯୋଗ ଉପଲବ୍ଧ ହେଉନଥିବା କ୍ଷୋଭପ୍ରକାଶ କରିଥିଲେ । ପାରିବାରିକ ଆକ୍ରୋଶର ଶୀକାର ହେଉଥିବା ବରିଷ୍ଠ ନାଗରିକ ମାନଙ୍କୁ ନ୍ୟାୟ ମିଳୁନଥିବା ନେଇ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଜଳେଶ୍ୱର ଥାନା ପକ୍ଷରୁ ଯୋଗାଇ ଦେବାକୁ ଥିବା ପରିଚୟପତ୍ର ଅବିଳମ୍ବେ ପ୍ରଦାନ ଲାଗି ମଂଚର ଆବାହକ ଭାସ୍କର ମିଶ୍ର, ସିତାଂଶୁ ସେନାପତି, ଅରୁଣ ବେଜ, ସୁବ୍ରତ ବେରା, ହରେକୃଷ୍ଣ ଗିରି, ପୁରେନ୍ଦ୍ର ସେନାପତି, ପିତାମ୍ବର ଦାସ, ନରେନ୍ଦ୍ର କର, ଶ୍ରୀମନ୍ତ ଘୋଷ ପ୍ରମୁଖ ନିବେଦନ କରିଛନ୍ତି ।

ମହିଳା ମହାବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଭଦ୍ରକ,୩୧।୦୧ (ନି.ପ୍ର): ଭଦ୍ରକ ମହିଳା ମହାବିଦ୍ୟାଳୟରେ ସେବା ନିବୃତ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଅଛି । ମହାବିଦ୍ୟାଳୟର ଅଧକ୍ଷ ତୀର୍ଥବାସୀ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସଭାରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ସ୍ୱାଇଁ, ହେଡ୍‌କ୍ଲାର୍କ ଶ୍ରୀମତୀ ସ୍ନେହଲତା ରାଉତ, ଗ୍ରନ୍ଥାଗାରିକା ଶ୍ରୀମତୀ ଅନୀମା ଦୀକ୍ଷିତ ଏବଂ ଗ୍ରନ୍ଥାଗାର ସହାୟିକା ଶ୍ରୀମତୀ ସୌଦାମିନୀ ଦାସଙ୍କୁ ସେମାନଙ୍କ କର୍ତ୍ତବ୍ୟନିଷ୍ଠା ଓ କର୍ମ ପ୍ରବଣତାର ପ୍ରମାଣ ସ୍ୱରୂପ ମାନପତ୍ର ସହିତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କ ତରଫରୁ ବିବିଧ ଉପହାର ପ୍ରଦାନ ପୂର୍ବକ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବରିଷ୍ଠ ଅଧ୍ୟାପିକା ସରିତା ଦାସ, ସୁଚିତ୍ରା ମହାପାତ୍ର, ସଂଘମିତ୍ରା ଦାସ ଏବଂ ଅଧ୍ୟାପକ ଡ. ଅଭୟ କୁମାର ଦାସ, ଅଶୋକ କୁମାର ନାୟକ, ବିଷ୍ଣୁ ମୋହନ ସାମଲ ପ୍ରମୁଖ ବିଦାୟୀ ସତୀର୍ଥମାନଙ୍କ ସମ୍ବନ୍ଧରେ ଭାବପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। +୨ ଓ + ୩ ଶ୍ରେଣୀର ଅଧ୍ୟୟନରତା ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଓ ବିଦାୟୀ ସଂଗୀତ ଗାନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗରେ ନୂତନ ବିଭାଗ ମୁଖ୍ୟ ଦାୟିତ୍ୱ ଗ୍ରହଣ ଅବସରରେ ବରିଷ୍ଠ ଅଧ୍ୟାପିକା ଅନୀମା ଦଳେଇଙ୍କ ବକ୍ତବ୍ୟ ଖୁବ୍ ମର୍ମସ୍ପର୍ଶୀ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଡ ଆଭାମୟୀ ମହାପାତ୍ର, ଜ୍ୟୋତ୍ସ୍ନା ଲେଙ୍କା, ସୁପ୍ରୀତି କର, ଆରତୀ ଯେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଦର୍ଶନ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ।

ଇଶ୍ୱରଚନ୍ଦ୍ର ନୋଡାଲ ହାଇସ୍କୁଲର ସୁବର୍ଣ୍ଣଜୟନ୍ତୀପାଇଁ ପ୍ରସ୍ତୁତିବୈଠକ

ବାଲିଆପାଳ,୩୧।୦୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବୋଳଂ ଇଶ୍ୱରଚନ୍ଦ୍ର ନୋଡାଲ ହାଇସ୍କୁଲ ର ସୁବର୍ଣ୍ଣଜୟନ୍ତୀ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ପୁରାତନ ଛାତ୍ର ସର୍ବେଶ୍ୱର ମଣ୍ଡଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଦ୍ୟାଳୟର ବହୁ ପୂରାତନ ଛାତ୍ର, ଶିକ୍ଷକ ଶିକ୍ଷୟତ୍ରୀ, ଗ୍ରାମବାସୀ ଉପସ୍ଥିତ ରହି ଅଲୋଚନାରେ ଅଂଶଗ୍ରହଣ କରିଥିଲେ ।ଏହି ବିଦ୍ୟାଳୟ କ୍ୟାମ୍ପସରେ ରହିଥିବା ପ୍ରାଥମିକ ବିଦ୍ୟାଳୟ୧୯୧୧ ମସିହାରେ ସ୍ଥାପିତ ହୋଇଥିବା ବେଳେ, ସଲ୍ଟ ଟ'କ୍ସ୍ମ ମ୍ବଇଂରାଜୀ ବିଦ୍ୟାଳୟ୧୯୬୨ ମସିହାରେ ଓ ଇଶ୍ୱରଚନ୍ଦ୍ର ଉଚ୍ଚବିଦ୍ୟାଳୟ ୧୯୭୮ମସିହାରେ ସ୍ଥାପିତ ହୋଇଥିଲା । ଏହି ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ପାଳନ ସହ ବିଦ୍ୟାଳୟର ଭିତ୍ତିଭୂମୀର ଉନ୍ନତି ପାଇଁ ଏହି ବୈଠକରେ ସବିଶେଷ ଆଲୋଚନା ହୋଇଥିଲା ବିଦ୍ୟାଳୟର ପୂରାତନ ଛାତ୍ର କବି ସନ୍ୟାସୀ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଇଶ୍ୱରଚନ୍ଦ୍ର ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଦୟାନିଧି ମଲ୍ଲିକ,ପୂର୍ବତନ ସରପଞ୍ଚ ଜଗବନ୍ଧୁ ମଲ୍ଲିକ,ସିଆରସିସି ନିରଞ୍ଜନ ମହାନ୍ତି , ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୮ ଗିରଫ, ୯୧୮ ବାହନ ଜବତ

ଭୁବନେଶ୍ୱର,୩୧।୦୧ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୮ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୦୦ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୧,୪୭,୭୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

ବାଲେଶ୍ୱର ଜିଲ୍ଲାରେ ପଲ୍ସ ପୋଲିଓ ଟିକାକରଣ ଶୁଭାରମ୍ଭ

ବାଲେଶ୍ୱର,୩୧।୦୧ (ନି.ପ୍ର): ସମଗ୍ର ବାଲେଶ୍ୱର ଜିଲାରେ ରବିବାର ଦିନ ଆରମ୍ଭ ହୋଇଛି ପଲ୍ସ ପଲିଓ ଟିକାକରଣ ଅଭିଯାନ। ଏନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆୟୋଜିତ ଶିବିରକୁ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଶୁଭାରମ୍ଭ କରିଥିଲେ। ଏହି ଟିକାକରଣ ଅଭିଯାନ ତିନି ଦିନ ଧରି ଚାଲିବ। ପ୍ରଥମ ଦିନରେ ଜିଲାର ପ୍ରତି ବ୍ଲକରେ ସ୍ଥାପିତ ବୁଥଗୁଡିକରେ ୦(ଶୂନ) ରୁ ୫(ପାଞ୍ଚ) ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କୁ ଏହା ଦିଆଯିବାକୁ ଥିବା ବେଳେ କୌଣସି କାରଣରୁ ବାଦ୍ ପଡିଯାଇଥିବା ଶିଶୁମାନଙ୍କୁ ଆସନ୍ତା ଦୁଇ ଦିନରେ ଶତ ପ୍ରତିଶତ ପ୍ରଦାନ ପାଇଁ ଉଦ୍ୟମ ଜାରି ରହିଥିବା ଜିଲାପାଳ ସୂଚନା ଦେଇଛନ୍ତି । ସ୍ୱାସ୍ଥକର୍ମୀମାନେ ଏହି ଦୁଇ ଦିନ ଘର ଘର ବୁଲି ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଖୁଆଇବେ । ଏହି ଟିକାକରଣ ଅଭିଯାନ ପାଇଁ ଜିଲ୍ଲାରେ ସର୍ବମୋଟ ୧୦୬୩ଟି ବୁଥ ପ୍ରତିଷ୍ଠା କରାଯାଇଛି । ଏଥି ସହିତ ୪୨୫୨ଜଣ କର୍ମଚାରୀ ଏବଂ ୨୦୯ଜଣ ସୁପରଭାଇଜର ନିୟୋଜିତ ହୋଇଛନ୍ତି । ଜନ୍ମରୁ ୫ ବର୍ଷ ମଧ୍ୟରେ ଜିଲାର ୨ଲକ୍ଷ ୧୨ହଜାର ୪୫୮ଜଣ ଶିଶୁଙ୍କୁ ଟିକାକରଣ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସହିଦ୍ ଦିବସ ପାଳନ ଅବସରରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା

ବାରିପଦା,୩୧।୦୧ (ନି.ପ୍ର): ଭାରତର ସ୍ୱାଧିନତା ସଂଗ୍ରାମରେ ପ୍ରାଣବଳୀ ଦେଇଥିବା ସ୍ୱାଧିନତା ସଂଗ୍ରାମୀ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲା ପୋଲିସ ପ୍ରଶାସନ ତତ୍ତ୍ୱାବଧାନରେ ସହିଦ୍ ଦିବସ ପାଳିତ ହୋଇଯାଇଛି। ଜାନୁୟାରୀ ୩୦ ତାରିଖ ସହିଦ୍ ଦିବସ ପାଳନ ଉପଲକ୍ଷେ ଜିଲ୍ଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଦାମ ଚରଣ ସାହୁ, ସୁଯୋଗ୍ୟ କୁମାର ମିଶ୍ର, ଅଙ୍କୁର ମଲ୍ଲିକ୍ ସମେତ ସଂପୃକ୍ତ ବିଭାଗ ପଦାଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ଦିବା ୧୧ ଘଟିକା ସମୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

##